# ନିଜେ କେନାଲ ମରାମତି କଲେ ଚାଷୀ

ଜୟପାଟଣା, ୧୯ ।୧(ସମିସ)



କଳାହାଣ୍ଡି ଜିଲ୍ଲାରେ ଉପର ଇନ୍ଦ୍ରବତୀ ଜଳ ସେଚନ ପ୍ରକଳ୍ପ ଦ୍ୱାରା ହଜାର ହଜାର ହେକ୍ଟର ଚାଷଜମିରେ ଜଳ ସେଚନ ହେଉଛି। କେନାଲ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ପାଣି ଭଳି ପ୍ରତି ଆର୍ଥିକ ବର୍ଷରେ ଖର୍ଚ୍ଚ ହେଉଛି। ବିଭାଗୀୟ ଅଧିକାରୀ ନିଜର ସ୍ୱାର୍ଥ ନିହିତ ପାଇଁ ମନ ମୁତାବକ କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ନା କେନାଲ ଗୁଡିକର ସ୍ଥିତିର ସୁଧାର ଆସୁଛି ନା ଚାଷୀଙ୍କୁ ଠିକ ସମୟରେ ଆବଶ୍ୟକ ଜଳ ମିଳି ପାରୁଛି।

ଚଳିତ ରବି ଚାଷ ପାଇଁ ଇନ୍ଦ୍ରବତୀ ଜଳ ଭଣ୍ଡାରର କମ୍ ଜଳସ୍ତରକୁ ବାମ ମୁଖ୍ୟ କେନାଲ ଓ ଡାହାଣ ମୁଖ୍ୟ କେନାଲରେ ଗତ ୭ ତାରିଖରୁ ସୀମିତ ଅଞ୍ଚଳରେ ଜଳ ଯୋଗାଣ ହେଉଛି। ଉଠା ଜଳସେଚନ ପ୍ରକଳ୍ପ ବନ୍ଦ ରହିଛି। ବାମ ମୁଖ୍ୟ କେନାଲରେ ଅଦ୍ୟାବଧି ଜଳସ୍ତର ବୃଦ୍ଧି ପାଇନାହିଁ। ଏହାଫଳରେ ଅଞ୍ଚଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ମତୁଆଲାଗୁଡା ମାଇନର କେନାଲ ଦୀର୍ଘ ବର୍ଷ ହେଲା ମରାମତି କାର୍ଯ୍ୟ କରାଯାଇ ନାହିଁ। କେବଳ ନିଜ ଲୋକଙ୍କୁ କାମ ଦେଇ କିଛି ସ୍ଥାନରେ ଅଳ୍ପ ଅଳ୍ପ ମରାମତି କାର୍ଯ୍ୟ ସମ୍ପାଦନ ହୋଇଛି। ୧୨ ଦିନ ହୋଇଥିଲେ ମଧ୍ୟ ଭୁର୍ଷିଗୁଡା ଓ ରଣମାଲ କେନାଲରେ ପାଣି ଦେଖାନାହିଁ। କେନାଲ ଗୁଡିକ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଶେଷରେ ସ୍ଥାନୀୟ ଚାଷୀ ନିଜେ କେନାଲ ମରାମତି କରିବାକୁ ବାଧ୍ୟ ହୋଇଛନ୍ତି।

ତେବେ ବିଭାଗୀୟ ଅଧିକାରୀ ବର୍ଷ ବର୍ଷ କେନାଲ ପରିଦର୍ଶନ କରୁ ନାହାନ୍ତି। ଯନ୍ତ୍ରୀମାନଙ୍କ ମୁଣ୍ଡରେ ଦୋଷ ଆଉ ବୋଝ ଲଦି ଦେଉଛନ୍ତି। ଇନ୍ଦ୍ରାବତୀ ଜଳ ଭଣ୍ଡାରରେ କିଛି ବର୍ଷ ହେବ ଲଗାତାର ଜଳସ୍ତର ନିମ୍ନଗାମୀ ହେଉଛି। ଏହାକୁ ନେଇ ଜଳ ସେଚନ ବିଭାଗ ଅଧିକାରୀ ଚାଷୀଙ୍କୁ ଜଳ ଅପଚୟ ନ କରିବା ପାଇଁ ଉପଦେଶ ଦେଉଛନ୍ତି; କିନ୍ତୁ କେନାଲଗୁଡିକ ମରାମତି ଦିଗରେ ଧ୍ୟାନ ରହୁନାହିଁ। ବାବୁମାନେ ସରକାରୀ ବାସ ଭବନରେ ମଧ୍ୟ ରହୁ ନାହାନ୍ତି। ଲୋକେ କାର୍ଯ୍ୟାଳୟକୁ ଅଭିଯୋଗ କରିଗଲେ ମଧ୍ୟ ଦେଖା କରିବା ସମ୍ଭବ ହେଉନାହିଁ। କେନାଲ ଗୁଡିକର କିପରି ରକ୍ଷଣାବେକ୍ଷଣ ହେବ ଆଉ ଚାଷୀ ସୁବିଧା ଓ ସହଜରେ ଜଳ ପାଇବେ ସେଥିପାଇଁ ମାଇନର କେନାଲ ଅଧୀନରେ ଗୋଟିଏ ଗୋଟିଏ ପାଣି ପଞ୍ଚାୟତ ରହିଛି; କିନ୍ତୁ ବାବୁମାନେ କୋଣସି ନିୟମ ମାନୁ ନାହାନ୍ତି। ଏଣୁ ଚାଷୀ ଉଚିତ ସମୟରେ ପାଣି ପାଉନି। ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରୁଛି। ଚାଷ ଅମଳ ପର୍ଯ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଛି।

● ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା

## ନୂଆପଡ଼ା ବ୍ଲକ୍‌ର ୩ ଯନ୍ତ୍ରୀ ନିଲମ୍ବିତ

ନୂଆପଡ଼ା/କୋମନା, ୧୯।୧(ସମିସ): ନୂଆପଡ଼ା ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ତିନିଜଣ କନିଷ୍ଠ ଯନ୍ତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତିନି କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ଟୁଡ୍ଡୁ, ଶାନ୍ତନୁ ରଣା ଓ ମନୋଜ କୁମୁରାଙ୍କୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଯନ୍ତ୍ରୀ ଟୁଡ୍ଡୁ ରଜନା, ଝଗ୍ରାହୀ ଓ ଅଗ୍ରେନ ପଞ୍ଚାୟତ ଦାୟିତ୍ୱରେ ରହି କାମ କରୁଥିଲାବେଳେ ଯନ୍ତ୍ରୀ ରଣା କୋମନା, ସିଆଲଲଟି ଏବଂ ନୂଆଗାଁ ପଞ୍ଚାୟତ ଦାୟିତ୍ୱରେ ଥିଲେ। ତତ୍କାଳୀନ କୋମନା ବ୍ଲକର ଯନ୍ତ୍ରୀ କୁମୁରା ବର୍ତ୍ତମାନ ନୂଆପଡ଼ା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ସୂଚନାନୁଯାୟୀ, କିଛିଦିନ ପୂର୍ବେ ବ୍ଲକର ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବାନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଉଛି। ଏନେଇ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଏହା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାଳୟ ତରଫରୁ କରାଯାଇଥିବା କହିଛନ୍ତି। ପତ୍ରାଙ୍କ ସଂଖ୍ୟା ୧୫୦୩/୧୫୦୬ ଜରିଆରେ ନୂଆପଡ଼ା ଜିଲ୍ଲା ପ୍ରଶାସନକୁ ଜଣାଇ ଦିଆଯାଇଛି। ସୂଚନା ଯୋଗ୍ୟ ଯେ ସପ୍ତାହକ ତଳେ ଏହି ବ୍ଲକର କୁରେଶ୍ୱର ପଞ୍ଚାୟତରେ କାମ ନକରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଘଟଣାରେ ଜିଲ୍ଲାପାଳ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

## ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ

କେସିଙ୍ଗା, ୧୯ ।୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସତସଙ୍ଗ କେନ୍ଦ୍ର ଗୁରୁ ଭାଇମାନଙ୍କ ଦ୍ୱାରା କେସିଙ୍ଗା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହାମହୋତ୍ସବ ପାଳିତ ହୋଇଛି। ଉଷା କୀର୍ତ୍ତନ ସହ ବିନତି ପ୍ରାର୍ଥନା ଓ ସଦଗ୍ରନ୍ଥ ପାଠ ହୋଇଥିଲା। ରଥାରୂଢ଼ ବିଗ୍ରହ ସହ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ସତସଙ୍ଗ ଓ ସଦାଲୋଚନା, ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରମୋଦ ପୃଷ୍ଟି, ଜଗନ ଚନ୍ଦାନି, ବଟକୃଷ୍ଣ ଡାକୁଆ, ଅସୀମ ଘୋଷ, ଶେଷଦେବ ଠାକୁର, ଦିବାକର ପାଲ, ରାଧାକାନ୍ତ ସାହା, ଶଶି ଭୂଷଣ ସାହୁ, ଉମାକାନ୍ତ ଦାଶ, ରାକେଶ ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ସୁରେଶ ସାହୁ, ସୁନିଲ ଅଗ୍ରୱାଲ, ରାଜେନ୍ଦ୍ର ମହାରଣା, ଟଙ୍କଧର ମହଲା, ପ୍ରଫୁଲ୍ଲ ଲେଙ୍କା, ବିନୋଦ ସାହୁ ଓ ବସନ୍ତ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାମକି ଫାଉଣ୍ଡେସନ, ଏସ୍‌ବିଆଇ ପକ୍ଷରୁ ଡଷ୍ଟବିନ ବଣ୍ଟନ

କେସିଙ୍ଗା, ୧୯ ।୧(ସମିସ): ଏସ୍‌ବିଆଇ ଏବଂ ରାମକି ଫାଉଣ୍ଡେସନ ବୋଟିଂପଦର ଅଙ୍ଗନବାଡି କେନ୍ଦ୍ରକୁ ଡଷ୍ଟବିନ ପ୍ରଦାନ କରିଛି। କର୍ମୀ ସରଳା ହେର୍ଣ୍ଣା, ଡାକ୍ତର ବିମଳ ଚରଣ ଷଡଙ୍ଗୀ, ଜ୍ୟୋସ୍ନାମୟୀ ବେହେରା, ଷ୍ଟାଫ ନର୍ସ ପଙ୍କଜିନି ରଣା, ନିତୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ମନ ମୋହିଲେ ଶିଶୁ କଳାକାର



ଥୁଆମୂଳରାମପୁର, ୧୯ ।୧(ସମିସ): କଳାହାଣ୍ଡି ଉତ୍ସବ ଘୁମୁରାରେ ଥୁଆମୂଳ ରାମପୁର ବ୍ଲକର କୁନିକୁନି ଶିଶୁ କଳାକାର ସ୍ଥାନୀୟ ଆଦିବାସୀଙ୍କ ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ଡାପ୍ ନୃତ୍ୟ ପରିବେଷଣ କରିଛନ୍ତି। ଉଦ୍‌ଯାପନୀ ସଂଧ୍ୟାରେ ଉତ୍ସବର ପାରବା ମଞ୍ଚକୁ ଥୁଆମୂଳ ରାମପୁର ବ୍ଲକ ଧୁଲିଗୁଡ଼ା ଗ୍ରାମର ବାବା ସାହେବ୍ ଶିଶୁ ସଂଘର କୁନିକୁନି ଶିଶୁ କଳାକାର ଡାପ୍ ନାଚରେ ଦୁଲୁକାଇଥିଲେ। ଶିଶୁ ମାନଙ୍କୁ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ ପ୍ରୋତ୍ସାହିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଅଶୋକ ପଟ୍ଟନାୟକ, ସନ୍ତୋଷ ଦାସ, ସୁଦର୍ଶନ ନାଏକ ଓ ପ୍ରତିମା ସୁନାନୀ ସହଯୋଗ କରିଥିଲେ।

## ୯୭ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ଧର୍ମଗଡ଼, ୧୯ ।୧(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ମା' ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଡୋକରିଚଞ୍ଚରାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତ ତିୱାରୀଙ୍କ ଆହ୍ୱାନ କ୍ରମେ ୫୫ ଜଣ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତେ ପୁରୁଣା ସ୍ମୃତିକୁ ମନେ ପକାଇ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ଉଦ୍ଧବ ଧରୁଆ, କ୍ଷୀରସିନ୍ଧୁ ଗୋପାଳ, ତୁଷାର ବିଶି, ସୁରେଶ ଖମାରୀ, ଚୂଡ଼ାମଣି ନାଏକ, ସତ୍ୟବାନ୍ ବିଶି, ମନମୋହନ ମାଝୀ, ରିତେଶ ଅଗ୍ରୱାଲ, ପ୍ରମୁଖ ସହଯୋଗ କରିଥିଲେ।

## ନୂଆପଡ଼ା ଜିଲ୍ଲାର ୫ ରେଞ୍ଜରେ ପକ୍ଷୀ ଗଣନା

ନୂଆପଡ଼ା/କୋମନା, ୧୯।୧(ସମିସ): ନୂଆପଡ଼ା ବନ ବିଭାଗ ତରଫରୁ ଜିଲ୍ଲା ବ୍ୟାପି ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଜିଲ୍ଲାର ୫ଟି ଫରେଷ୍ଟ ରେଞ୍ଜ ଅଞ୍ଚଳରେ ରେଞ୍ଜର ଅଜିଜ ଖାନଙ୍କ ତତ୍ତ୍ୱାବଧାନରେ ମୋଟ ୨୩ଟି ଟିମ ଭିନ୍ନଭିନ୍ନ ସ୍ଥାନରେ ପକ୍ଷୀ ଗଣନା କରିଛନ୍ତି। କୋମନା ଫରେଷ୍ଟ ରେଞ୍ଜ ଅଧୀନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧୀନ ପେଣ୍ଡ୍ରାବନ୍ଧ ଓ ସୁନ୍ଦର ଜଳସେଚନ ପ୍ରକଳ୍ପ ଅଧୀନ ଜଡ଼ାମୁଣ୍ଡା ଗାଁ ନିକଟରେ ହୋଇଥିବା ଗଣନା କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନ୍ୟପ୍ରାଣୀ ବିଭାଗ ୱାର୍ଡେନ ମାୟାଧର ସରାଫ, ରେଞ୍ଜର ଦେବଦତ୍ତ ସୁତାର ପ୍ରମୁଖ ଯୋଗ ଦେଇଥିଲେ। ଖରିଆରରୋଡ୍ ରେଞ୍ଜ ଅଧୀନ ଭୁତମୁଣ୍ଡା ଡ୍ୟାମରେ ଫରେଷ୍ଟର ବିନୋଦ ବିହାରୀ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗଣନା କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଏସିଏଫ ମହମ୍ମଦ ସାଲେହ, ରେଞ୍ଜର ରଞ୍ଜିତ ସିଂ ବାବୁ, ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଘନଶ୍ୟାମ ଭୋଇ, ସିଆରସିସି ଶରତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହିଭଳି ଜିଲ୍ଲା ବ୍ୟାପି ୨୩ଟି ଟିମ୍ ଦ୍ୱାରା ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗଣନା କରିଥିଲେ। ଜିଲ୍ଲାରେ ଏଥର ପକ୍ଷୀମାନଙ୍କର ଆଗମନ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି।



ପ୍ରବଳ ଶୀତ ସତ୍ତ୍ୱେ ବନ ବିଭାଗର କର୍ମଚାରୀମାନେ ସଫଳତାର ସହ ଗଣନା କରିଥିବା ଏସିଏଫ ସାଲେହ ପ୍ରକାଶ କରିଛନ୍ତି। ଜିଲ୍ଲାରେ କେଉଁ ଅଞ୍ଚଳରେ କେତେ ଚଢ଼େଇ ଅଛନ୍ତି ଦିନକ ପରେ ଜଣାପଡ଼ିବ ବୋଲି ୱାର୍ଡେନ ଶ୍ରୀ ସରାଫ କହିଛନ୍ତି। ଭୁତମୁଣ୍ଡାରେ ବନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଜ୍ୟୋସ୍ନା ଛତର, ଶୁଭସ୍ମିତା ମହାନ୍ତି, ପାରାସ୍କାଡର ଗୋକରନ ଶବର, ପ୍ରଫୁଲ୍ଲ ଶବର, ଚନ୍ଦ୍ର ଶବର, ଗୁଜରାଲ ମାଝୀ, ଖେମରାଜ ଚୌହାନ ଓ ତ୍ରିନାଥ ରାଉତ ପ୍ରମୁଖ ସାମିଲ ଥିଲେ।

## ନର୍ଲା ବନାଞ୍ଚଳରେ ପକ୍ଷୀ ଗଣନା

ନର୍ଲା, ୧୯ ।୧(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ଅସୁରଗଡ଼ ସାଗର, ତୁଳାପଡ଼ା ଡ୍ୟାମ, ପୂଜିଲଡ୍ଡୁ ଡ୍ୟାମ ଓ କୁରମେଲ ବନ୍ଧରେ ଜଙ୍ଗଲ ବିଭାଗ ପକ୍ଷୀ ଗଣନା କରିଛି। ରେଞ୍ଜର ଭରତବନ୍ଧୁ ଶବରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅସୁରଗଡ଼ ଟିମ୍ ପାଇଁ ଫରେଷ୍ଟର ଭବାନୀଶଙ୍କର ନାଏକ, ମୋତିରଶ୍ମି ଛତ୍ରିଆ, ଦୀପ୍ତିମୟୀ, ରଶ୍ମିତା ରାଉତ ଦାୟିତ୍ୱ ତୁଲାଇଥିଲେ। ତୁଳାପଡ଼ାଡ୍ୟାମରେ ଫରେଷ୍ଟର ସୁଶୀଲ ମହାରଣା, ଦାମୋଦର ସାହୁ, ପ୍ରଦୀପ ପୁଝାରୀ, ଗୁନି ମହାରଣା ପକ୍ଷୀ ଗଣନା ଭାର ନିର୍ବାହ କରିଥିଲେ। ପୂଜିଲଡ୍ଡୁଡ୍ୟାମରେ ଫରେଷ୍ଟର ଗୟାମାଝୀ, ସୁଜିତ ସାହୁ, ସରିତା ପୁଝାରୀ, ଚୈତନ୍ୟ ବାଗ ନେତୃତ୍ୱ ନେଇଥିଲେ। କୁରମେଲବନ୍ଧରେ ଫରେଷ୍ଟର ଦିଆଲୁ ରାଉତ, ରଘୁମଣି ଶବର, ମଧୁସ୍ମିତା ଭୋଇ, ସଂଯୁକ୍ତା ନାଏକ ଏବଂ ଷ୍ଟାଫ୍ ନିୟୋଜିତ ହୋଇଥିଲେ।

## ଆଶା ପ୍ରକଳ୍ପ ସର୍ବପ୍ରଥମ ବ୍ୟବସାୟିକ ଷ୍ଟଲ୍ ଭାବେ ସମ୍ମାନିତ

ଭବାନୀପାଟଣା, ୧୯ ।୧(ସମିସ): ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ (ଆଶା)ର ହରିୟାଳି ପ୍ରକଳ୍ପକୁ କଳାହାଣ୍ଡି ମହୋତ୍ସବ ଘୁମୁରା ଦ୍ୱାରା ସର୍ବପ୍ରଥମ ବ୍ୟବସାୟିକ ଷ୍ଟଲ ଭାବେ ସମ୍ମାନିତ କରାଯାଇଛି। ସଞ୍ଜୀବ ପଟ୍ଟନାୟକଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଛି। ବର୍ତ୍ତମାନ କୃଷି ସକାଶେ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ପ୍ରକ୍ରିୟାକରଣ ଓ ବିକ୍ରୟ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଏ ଦିଗରେ ରାୟଗଡ଼ା ଜିଲ୍ଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ସିଏସଆର ବିଭାଗ ଆନୁକୂଲ୍ୟରେ ପ୍ରୋଜେକ୍ଟ ହରିୟାଲୀ କାର୍ଯ୍ୟକାରୀ ସଂସ୍ଥା ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ ଦ୍ୱାରା ସହାୟତା ପ୍ରଦାନ କରି ଚାଷୀର କୃଷି ଓ ଜୀବିକା ବିକାଶ ପାଇଁ ସହାୟତା ହୋଇପାରିଛି। ସମୀର ପଟ୍ଟନାୟକ, ପ୍ରକାଶ ଅମ୍ବଦ୍ୟ, ଯୁଗେଶ୍ୱର ଧରୁଆ, ଗୁଲାବ ନାୟକ, ସରୋଜ ସାହୁ, ବିନୟ ମହାପାତ୍ର, ପିତମ କୁମ୍ଭାର, ପ୍ରବୀର ପ୍ରଧାନ, ଭେଙ୍କେଟ୍ସ, ଭବାନୀ ବେହେରା ଓ ସନ୍ତୁ ବେନିଆ ଷ୍ଟଲ ପରିଚାଳନା ଦାୟିତ୍ୱରେ ନିୟୋଜିତ ଥିଲେ।



## ଗଣତନ୍ତ୍ର ଦିବସ ଉପଲକ୍ଷେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା

● ବିଭିନ୍ନ ବର୍ଗରେ ଅରୁନ୍ଧତୀ, ସମ୍ବିତ, ଐଶର୍ଯ୍ୟା ଓ ଋତୁପର୍ଣ୍ଣା ପ୍ରଥମ

ନୂଆପଡ଼ା, ୧୯।୧(ସମିସ): ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ସର୍ବଶିକ୍ଷା ବିଭାଗ, ସାରଳା ସଙ୍ଗୀତ ଅନୁଷ୍ଠାନ ଓ ପରିବହନ ବିଭାଗ ତରଫରୁ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଏହିକ୍ରମରେ ରବିବାର ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ଶଙ୍କର୍ଷଣ ପୁରୋହିତ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାହାମାୟା ସ୍କୁଲର ଅରୁନ୍ଧତୀ ପଣ୍ଡା ପ୍ରଥମ, ଜ୍ଞାନଜ୍ୟୋତିର ସ୍ନେହାଶିଷ ବାରିକ ଦ୍ୱିତୀୟ ଏବଂ କେଏନ କିଡ୍ସର ତୃପ୍ତି ସୁନ୍ଦର ମହଲା ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସେଣ୍ଟ୍‌ମେରୀ ବିଦ୍ୟାଳୟର ସମ୍ଭବ ସମ୍ବିତ ନନ୍ଦ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ବର୍ଷା ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ସେଣ୍ଟ୍‌ମେରୀ ବିଦ୍ୟାଳୟର ଶିବପ୍ରସାଦ ରାଉତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନବମ ଏବଂ ଦଶମ ଶ୍ରେଣୀକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଐଶର୍ଯ୍ୟା ପାଣ୍ଡେ ପ୍ରଥମ, ନବଜ୍ୟୋତି ବିଦ୍ୟାଳୟର ବିଦ୍ୟାଶ୍ରୀ ମହାପାତ୍ର ଦ୍ୱିତୀୟ ଏବଂ ଜ୍ଞାନଜ୍ୟୋତି ବିଦ୍ୟାଳୟର ସିୟା ଗୁପ୍ତା ତୃତୀୟ ସ୍ଥାନ ନେଇଛନ୍ତି। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ଓଏଭି ବିଦ୍ୟାଳୟ ନେଗିପାଲିର ବି. ଋତୁପର୍ଣ୍ଣା ପ୍ରଥମ, ମହାମାୟା ସ୍କୁଲର ପ୍ରତିଭା ଠାକୁର ଦ୍ୱିତୀୟ ଏବଂ ଏକଲବ୍ୟ ବିଦ୍ୟାଳୟର ତୁଳସୀ ସିଦାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ବିଚାରକ ଭାବେ ଭବତୋଷ ଦାସ, ଯୋଗେନ୍ଦ୍ର ବେହେରା, କିଶୋର ପରିଡ଼ା, ସନ୍ଦୀପ ପାଲ, ବବିତା ମିଶ୍ର ଓ ବିକ୍ରମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନାରେ ଜିଲ୍ଲା କ୍ରୀଡ଼ାଧିକାରୀ ରାଜେନ୍ଦ୍ର ବଢେଇ, ଶଙ୍କର୍ଷଣ ପୁରୋହିତ, ଜିତନ୍ଦ୍ର ଖମାରୀ, ରାମେଶ୍ୱର ଦାସ, ରାଜେଶ ମହଲା ଓ ଜଟେଶ୍ୱର ସୁନା ସହଯୋଗ କରିଥିଲେ। ଏମାନଙ୍କୁ ଆସନ୍ତା ଗଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ।



## ଜନବସତି ମୁହାଁ ଭାଲୁ

କୋକସରା, ୧୯ ।୧(ସମିସ): କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଅଧୀନ ସିଉନୀ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେଲା ଦିନ ଦ୍ୱିପହରରେ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଏହା ଫଳରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବାରମ୍ବାର ଜନ ବସତି ଆଡ଼କୁ ଚାଲି ଆସୁଥିଲେ ହେଁ ଭାଲୁକୁ ଘଉଡ଼ାଇବା ପାଇଁ ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏହାଫଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ଘରୁ ବାହାରକୁ ଆସିବା ପାଇ ଭୟଭୀତ କରୁଛନ୍ତି। ସନ୍ଧ୍ୟା ହେଲେ ପଦାକୁ ଗୋଡ଼ କାଢ଼ିବା ପାଇଁ ସାହାସ ଜୁଟାଇ ପାରୁ ନାହାଁନ୍ତି। ବିଗତ ଦିନରେ ଭାଲୁ ଆକ୍ରମଣର ଶିକାର ହୋଇ ଏହି ଅଞ୍ଚଳ ଜଣେ ମହିଳା ଓ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତଥାପି ବନ ବିଭାଗର ନିଦ ଭାଙ୍ଗୁନାହିଁ।



## କଳାହାଣ୍ଡି ଉତ୍ସବରେ ସଞ୍ଚୟ ଓ ଆର୍ଥିକ ଷ୍ଟଲ୍



କେସିଙ୍ଗା, ୧୯ ।୧(ସମିସ): ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ସରକାରଙ୍କ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ ଷ୍ଟଲ ଖୋଲିଥିଲା। ସୁକନ୍ୟା ସମୃଦ୍ଧି ଯୋଜନା ପରି ଡାକଘରେ ପ୍ରଚଳିତ ସମସ୍ତ ସ୍କିମ୍ ବିଷୟରେ ଦର୍ଶକଙ୍କୁ ବୁଝାଯାଇଥିଲା। ଜିଲ୍ଲା ସଞ୍ଚୟ କାର୍ଯ୍ୟାଳୟର ଅଧିକାରୀ ବିବେକାନନ୍ଦ ମହାନନ୍ଦ ତତ୍ତ୍ୱାବଧାନରେ କର୍ମଚାରୀ ଓ ଡାକଘର ଅଭିକର୍ତ୍ତା ଉପସ୍ଥିତ ଥିଲେ।

ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍‌ରୁ ଛେଳି ବୋହିନେବା ଘଟଣା

# ଭିଡିଓ ଭାଇରାଲ ପରେ ପୁଲିସର ତଦନ୍ତ

ଧର୍ମଗଡ଼, ୧୯ ।୧(ସମିସ)

ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଶ୍ରୀରାମପଡ଼ା ନିକଟରେ ଏକ ପିକ୍‌ଅପ୍‌ରୁ ଛେଳି ବୋହିନେବା ଘଟଣାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେବା ପରେ ପୁଲିସ ଏହି ପଦକ୍ଷେପ ଆରମ୍ଭ କରିଛି।

ଗତ ୧୬ ତାରିଖ ଗୁରୁବାର ମଧ୍ୟାହ୍ନ ସମୟରେ ଏକ ବାଇକ ଓ ପିକ୍‌ଅପ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବାଇକ୍ ଆରୋହୀ ସ୍ଥାନୀୟ ଗଣ୍ଡାମେର ଗ୍ରାମର ଗୋପାଳ ନାଏକ(୩୮) ଓ ନୂଆପଡ଼ା ଜିଲ୍ଲା ଅନକାପୁର ଗ୍ରାମର କିଶୋର ନାଏକ (୨୩)ଙ୍କ ମୃତ୍ୟୁ ଘଟିଥିଲା। ସୁନୁନିକୁଣ୍ଡା ଗ୍ରାମର ପ୍ରତ୍ୟୁଷ ଟୋଲଟିଆ ଗୁରୁତର ହୋଇଥିଲେ। ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ଧର୍ମଗଡ଼-ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାର ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି

● ଭିଡିଓ ଆଧାରରେ ଘର ଘର ବୁଲି ଚିହ୍ନଟ
● ସମସ୍ତଙ୍କ ନାଁ ସଂଗ୍ରହ ଚାଲିଛି

ଉପୁଜିଥିଲା। ଉତ୍ୟକ୍ତ ଲୋକେ ପିକଅପ ଭଙ୍ଗାରୁଜା କରିବା ସହ ଗାଡିରେ ଥିବା ୫୮ଟି ଛେଳିକୁ ପୁଲିସ ଉପସ୍ଥିତିରେ ଯିଏ ଯେମିତି ପାରିଲା ବୋହି ନେଇଥିଲେ। ଦୀର୍ଘ ସମୟ ଧରି ରାସ୍ତାରେ ଶବ ପଡ଼ି ରହିଥିଲା। ସ୍ଥାନୀୟ ପୁଲିସ ଓ ପ୍ରଶାସନ ଅଡୁଆରେ ପଡ଼ିଥିଲା ବୁଝାସୁଝା କରିବାରେ ପୁଲିସ ବିଫଳ ହୋଇପଡ଼ିଥିଲା। ଗୋଲାମୁଣ୍ଡା ତହସିଲଦାର ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ଘୋଷଣା କରିଥିଲେ। ଉତ୍ୟକ୍ତ ଲୋକେ କିନ୍ତୁ ରାସ୍ତା ଅବରୋଧରୁ ଓହରି ନ ଥିଲେ। ଏଣୁ ଗୋଲାମୁଣ୍ଡା ପୁଲିସ ପାଇଁ ଅଧିକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଶେଷରେ ଗାଡି ମାଲିକ ଦୁଇ ଲକ୍ଷ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। ୮୦ହଜାର ଟଙ୍କା ଦେଥିଲେ। ସବୁ ଛେଳି ଫେରାଇ ଦେଲେ ବାକି ଟଙ୍କା ଦେବେ ବୋଲି କହିଥିଲେ। ଗୋଲାମୁଣ୍ଡା ପୁଲିସ ଛେଳି ବୋହି ନେଇଯାଇଥିବା ଲୋକଙ୍କ ଭିଡିଓକୁ ଆଧାର କରି ଘର ଘର ଯାଇ ଚିହ୍ନଟ କରୁଛି। ତଦନ୍ତ ଦାୟିତ୍ୱରେ ଥିବା ଗୋଲାମୁଣ୍ଡା ଥାନା ଏସଆଇ ରାଜେଶ ପରିଡ଼ା କହିଛନ୍ତି ଯେ, ଭିଡିଓକୁ ଆଧାର କରି ନାଁ ସଂଗ୍ରହ ଚାଲିଛି। ସେମାନଙ୍କ ନାମରେ ମାମଲା ରୁଜୁ କରାଯିବ।

## ସୂଚନା ଅଧିକାର ଉପରେ ପ୍ରଶିକ୍ଷଣ ଶିବିର



ଜୁନାଗଡ଼, ୧୯ ।୧(ସମିସ): ଜୁନାଗଡ଼ସ୍ଥିତ ମୋନାର୍କ ପ୍ଲେସଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର କଳାହାଣ୍ଡି ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଲ, ଥୁଆମୁଲ ରାମପୁର କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଚିନ୍ନା, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ଆଇନଜୀବୀ ଦୁର୍ଗା ପ୍ରସାଦ ନାୟକ, ଚିତ୍ତରଞ୍ଜନ ନିଆଲ, ସାମ୍ବାଦିକ ଆଦିତ୍ୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ଜନତା କିଭଳି ଲୁକ୍କାୟିତ ତଥ୍ୟ ଜାଣିପାରିବେ ଏବଂ ସୂଚନା ଅଧିକାର ଆଇନର ସତ ବିନିଯୋଗ କରିବେ ସେ ନେଇ ଆଲୋଚନା ହୋଇଥିଲା। ତୁଳସୀରାମ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରମାନନ୍ଦ ଠାକୁର ମଞ୍ଚ ପରିଚାଳନା କରିଥିଲେ। ନିକୁଞ୍ଜ ବିହାରୀ ଚଲାନ, ସୁବୋଧ ରଣା, ନରେନ୍ଦ୍ର କ୍ଷିତି, ହେମନ୍ତ ନାୟକ, କ୍ଷୀରସିନ୍ଧୁ ଗହୀର ପ୍ରମୁଖ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଦୁଲାମଣି ପଣ୍ଡା
ଆବିର୍ଭାବ - ୨୦/୧୨/୧୯୩୯
ତିରୋଧାନ - ୧୦/୦୧/୨୦୨୫
ପଣ୍ଡାଳମ, ବାଙ୍କୀ, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅ - ଦିଲ୍ଲୀପ, ବୋହୂ- କାଦମ୍ବିନୀ, ନାତି- ଚଗଲା, ନାତୁଣୀ - ଲାଲି, ଝିଅ - ସୌଦାମିନୀ, ବିଳାସ, ଲତା, ନମିତା, ଜ୍ୱାଇଁ - ଦେବରାଜ ଓ ବୈକୁଣ୍ଠ ଆତ୍ମୀୟ ପରିବାରର ବର୍ଗ ସମେତ

# ଭାଲୁ ମୃତଦେହ ଉଦ୍ଧାର

**ବଲାଙ୍ଗିର, ୧୯ ।୧(ସମିସ):** ଲୋଇସିଂହା ବନାଞ୍ଚଳ ତଥା ଲୋଇସିଂହା ସେକ୍ସନ ଅନ୍ତର୍ଗତ ପିପିଲି ଗାଁ ନିକଟରୁ ଶୁକ୍ରବାର ରାତିରେ ଗୋଟିଏ ଭାଲୁ ଛୁଆର ମୃତଦେହ ଉଦ୍ଧାର ହୋଇଛି। ଗ୍ରାମବାସୀଙ୍କ ସୂଚନାକ୍ରମେ ଲୋଇସିଂହା ବନପାଳ ବାବଲୁ ଦାଶ ଓ ବନ କର୍ମଚାରୀ ମୃତ ଭାଲୁକୁ ଉଦ୍ଧାର କରି ଲୋଇସିଂହା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଶନିବାର ସକାଳେ ପ୍ରାଣୀ ଚିକିତ୍ସକ ପହଞ୍ଚି ଭାଲୁ ଶବ ବ୍ୟବଚ୍ଛେଦ କରିଥିଲେ ଓ ମା’ ସହ ଶାବକମାନେ ଜଙ୍ଗଲରୁ ଆଉ ଏକ ଜଙ୍ଗଲକୁ ଯିବା ସମୟରେ ଏହି ଛୁଆ ଭାଲୁଟି ଏକୁଟିଆ ରହିଯାଇ ଥିବା ଓ କୌଣସି କାରଣରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଇଅଛି ଓ ମୃତ ଭାଲୁ ଛୁଆର ନଖ ବହାରିନଥିବାରୁ ଏହା ପ୍ରାୟ ୧୫ ଦିନର ହୋଇଥିବା ବନ ବିଭାଗ ଅନୁମାନ କରିଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଭାଲୁଛୁଆ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ବନପାଳ ଶ୍ରୀ ଦାଶ କହିଛନ୍ତି। ଅନ୍ୟପଟେ, ଗାଁ ନିକଟରୁ ଭାଲୁ ଛୁଆ ଶବ ଉଦ୍ଧାର ହେବାପରେ ଆଖ ପାଖ ଅଞ୍ଚଳରେ ମା ଭାଲୁର ଉପସ୍ଥିତି ସନ୍ଦେହରେ ଭୟର ବାତାବରଣ ଦେଖା ଦେଇଛି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଦାବି ହୋଇଛି।



## ବିବାଦ ପରେ ବଦଳିଲେ ବଲାଙ୍ଗିର ଡିଏଫ୍‌ଓ

# ସୋନପୁର ଡିଏଫ୍‌ଓଙ୍କୁ ଅତିରିକ୍ତ ଦାୟିତ୍ୱ

**ବଲାଙ୍ଗିର, ୧୯ ।୧(ସମିସ):** ବିବାଦ ପରେ ବଦଳିଲେ ବଲାଙ୍ଗିର ଡିଏଫ୍‌ଓ ସୁଦର୍ଶନ ବେହେରା। ଗତ କିଛି ମାସ ହେଲା ବଲାଙ୍ଗିର ବନ ଖଣ୍ଡ ଅଧିକାରୀ ବା ଡିଏଫ୍‌ଓ ଭାବେ ସୁଦର୍ଶନ ବେହେରା ଯୋଗ ଦେଇଥିବା ବେଳେ ସେ ଆସିବା ଦିନଠାରୁ ହିଁ ବିଭିନ୍ନ ଘଟଣାକୁ ନେଇ ବିବାଦୀୟ ହୋଇଥିଲେ। ତାଙ୍କ ସ୍ଥାନରେ ନୂତନ ଭାବେ କୌଣସି ଅଧିକାରୀଙ୍କୁ ନିୟୋଜିତ କରାଯାଇନଥିବା ବେଳେ ସୋନପୁର ଡିଏଫ୍‌ଓଙ୍କୁ ଅତିରିକ୍ତ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।ମାତ୍ର କିଛି ମାସ ଶ୍ରୀ ବେହେରା ବଲାଙ୍ଗିର ଡିଏଫ୍‌ଓ ଦାୟିତ୍ୱରେ ଥିବା ବେଳେ ବିଭିନ୍ନ ଘଟଣାରେ ବିବାଦୀୟ ହୋଇଥିଲେ। ଶ୍ରୀ ବେହେରାଙ୍କୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବଲାଙ୍ଗିରକୁ ବଦଳି କରାଯାଇଥିଲା। ତାଙ୍କୁ ନୀତିଶ କୁମାରଙ୍କ ସ୍ଥାନରେ ଦାୟିତ୍ୱ ଦିଆଯାଇଥିଲା। ବିଭିନ୍ନ ବିବାଦ ଯୋଗୁଁ ଶେଷରେ ତାଙ୍କୁ ସମ୍ବଲପୁର କେନ୍ଦୁପତ୍ର ସିସିଏଫ୍ ଭାବେ ବଦଳି ହୋଇଛି। ତାଙ୍କ ବଦଳରେ ସୋନପୁର ଡିଏଫ୍‌ଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।



# କଲ୍ୟାଣ ମଣ୍ଡପର ଭୂମିପୂଜନ



**କଣ୍ଟାବାଞ୍ଜି, ୧୯ ।୧(ସମିସ):** ବଙ୍ଗୋମୁଣ୍ଡା ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଭୂମିପୂଜନ କରିଥିଲେ।ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଭୋଳାନାଥ ବେହେରା, ବିଧାୟକ ପ୍ରତିନିଧି ବସନ୍ତ ମେହେର, ବିଜେପି ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ନରସିଂହ ଥନାପତି, କିଶୋର ମେହେର, ପ୍ରତୀକ ପୁଟେଲ, ସନ୍ତୋଷ ସାସମଲ, ଗୋପୀ ସା, ସୁଶୀଲ ସିନ୍ଧୁର, ଖୁସି ହଂସ, ନୂଆ ମନହୀରା, ମୟ ପୁଟେଲଙ୍କ ସହ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ କବ୍-ବୁଲବୁଲ୍ ଉତ୍ସବ



**ବଲାଙ୍ଗିର, ୧୯ ।୧(ସମିସ):** ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୨ ବଲାଙ୍ଗିର ଠାରେ ଅୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ଯୋଗଦେଇ ସ୍କାଉଟ୍ ଗାଇଡର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ।ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ ପଧାନ ଓ ପ୍ରଧାନଶିକ୍ଷକ ସମରେନ୍ଦ୍ର କୁମାର ପାଣ୍ଡେଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବଲାଙ୍ଗିର ସଙ୍କୁଳରମୋଟ ୩୩୫ ଜଣ ଛାତ୍ରଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଏଲଓସି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ରାୟଗଡ଼ାର ମଦନ ବୁଡୁଲା ଯୋଗ ଦେଇଥିଲେ।

# ପୋଲ ନିର୍ମାଣ ଚାଲିଛି, ରାସ୍ତାର ସୁବିଧା ନାହିଁ

## ନିର୍ମାଣ ସମୟରେ ଠିକାଦାର କିମ୍ବା ଯନ୍ତ୍ରୀ ରହୁନାହାନ୍ତି

**ସଇଁତଲା, ୧୯ ।୧(ସମିସ)**

ସଇଁତଲା ବ୍ଲକ ଡେଙ୍ଗ ଓ କମରଲଗା ପଞ୍ଚାୟତକୁ ଯାଉଥବା ରାସ୍ତାରେ ଲାନ୍ତନଦୀ ରହିଛି। ଉକ୍ତ ରାସ୍ତାରେ ଗତ ଦୁଇ ବର୍ଷ ହେଲା ରାଜ୍ୟ ସରକାରଙ୍କ ତରଫରୁ ଜନସାଧାରଣଙ୍କ ସୁବିଧା ପାଇଁ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି।ପୋଲ ନିର୍ମାଣ କରାଯାଉଥିବା ବେଳେ ଉକ୍ତ ପୋଲ ନିକଟରେ ଜନସାଧାରଣଙ୍କ ଗମନାଗମନ ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବା ନିୟମ ରହିଛି। କିନ୍ତୁ ଉକ୍ତ ପୋଲକୁ ନିର୍ମାଣ କରୁଥିବା ସଂସ୍ଥା ତରଫରୁ ଜନସାଧାରଣଙ୍କ ଗମନାଗମନ ପାଇଁ କୌଣସି ପ୍ରକାରର ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇନାହିଁ। ଯାହାକୁ ନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି।ସୂଚନା ମତେ ସଇଁତଲା ସହରରେ ପ୍ରାୟ ସମସ୍ତ ପ୍ରକାରର ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା ରହୁଥିବାବେଳେ କୁଇକେଡ଼ା ପଞ୍ଚାୟତର କମରଲଗା, ରେଙ୍ଗାଲି ଗଣ୍ଡପତ୍ରପାଲି ପଞ୍ଚାୟତର ଭତାସର, ଧରବଗଡ଼, ଜାମଝୁଟା, ଗ୍ରାମବାସୀ ପ୍ରତ୍ୟହ ସଇଁତଲା ସଦର ମହକୁମାକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ସେହିପରି ଟିଟିଲାଗଡ଼ ଯିବାପାଇଁ ସଇଁତଲା, ଡେଙ୍ଗ, କୁମ୍ଭାରୀ ପଞ୍ଚାୟତର ଲୋକେ ଉକ୍ତ ଅସ୍ଥାୟୀ ରାସ୍ତାକୁ ବ୍ୟବହାର କରିଥାନ୍ତି। ଶୀତ ଦିନରେ ଜନସାଧାରଣଙ୍କ ଗମନାଗମନ ପାଇଁ ଲାନ୍ତ ନଦୀରେ ଅସ୍ଥାୟୀ ରାସ୍ତା ବ୍ଲକ ପ୍ରଶାସନ ତରଫରୁ ନିର୍ମାଣ କରାଯାଇଥାଏ। ଯାହାଦ୍ୱାରା ଉପରୋକ୍ତ ପଞ୍ଚାୟତର ଜନସାଧାରଣଙ୍କୁ ଅଯଥାରେ ୧୦ ରୁ ୧୨ କିମି ବୁଲିବାକୁ ପଡୁଛି। କିନ୍ତୁ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାଦିନଠାରୁ ଠିକା ସଂସ୍ଥା ଉକ୍ତ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ନିୟମ ରହିଛି। ପୋଲ ନିର୍ମାଣ କରୁଥିବା ସଂସ୍ଥାକୁ ଡେଙ୍ଗ ଏବଂ କମରଲଗା ଗ୍ରାମବାସୀ ବାରମ୍ବାର କହିବା ସତ୍ତ୍ୱେ ଠିକା ସଂସ୍ଥା ମନମୁଖ କାର୍ଯ୍ୟ କରୁଥିବା ଏବଂ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶନାମା ନ ଥିବା ବୋଲି ଠିକା ସଂସ୍ଥା କର୍ମଚାରୀ କହିଛନ୍ତି।ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅସ୍ଥାୟୀ ରାସ୍ତା ନିର୍ମାଣ ବିଷୟରେ ପୋଲ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା କର୍ମଚାରୀଙ୍କୁ ପଚାରିବାରୁ ଠିକା ସଂସ୍ଥାର ମାଲିକ ଆସୁନାହାଁନ୍ତି।କେବେ କେମିତି ଏଠାକୁ ଆସିଥାନ୍ତି। ସେ ଆସିଲେ ଏ ବିଷୟରେ କହିହେବ ବୋଲି କହିଥିଲେ। ଅନ୍ୟପକ୍ଷରେ ପୋଲ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ପୋଲରେ ବ୍ୟବହାର ହେବାକୁ ଥିବା ରଡ଼ ଗୁଡ଼ିକ କଳଙ୍କି ଲାଗିଯାଇଛି। ପୋଲ ନିର୍ମାଣ ସଂସ୍ଥା ତରଫରୁ ପୋଲ ନିର୍ମାଣ ପାଇଁ ବାଲି ଦରକାର ହେଉଥିବା ବେଳେ ପୋଲ ତଳେ ଥିବା ବାଲି ବ୍ୟବହାର କରି ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ବାଲି ବାହାର କରିବାପରେ ସେଠାରେ ମାଟି ଭର୍ତ୍ତି କରି ଦିଆଯାଉଛି। ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଠିକା ସଂସ୍ଥାର ମାଲିକ କିମ୍ବା ବିଭାଗୀୟ ଯନ୍ତ୍ରୀଙ୍କର ଦେଖାମିଳୁନାହିଁ ଏହାକୁ ନେଇ ପୋଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉନଥବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ତରଫରୁ ତୁରନ୍ତ ଏ ବିଷୟରେ ଦୃଷ୍ଟି ଦେଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ସହ ଯନ୍ତ୍ରୀ ଏବଂ ଠିକାଦାର ଉପସ୍ଥିତ ରହି ପୋଲ ନିର୍ମାଣ କାମ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।



# ଖଇର କାଠ ବୋଝେଇ ପିକ୍‌ଅପ୍ ଜବତ



**ଖପ୍ରାଖୋଲ, ୧୯ ।୧(ସମିସ)** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବଡ ଗୁର୍ଜିଭଟା ଘୁନସର ରାସ୍ତାରେ ଖଇର କାଠ ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ କରିଥିବା ବନବିଭାଗ ସୂଚନା ଦେଇଛି। ଚଢ଼ଉ ବେଳେ ଗାଡ଼ି ଛାଡ଼ି ଗାଡ଼ି ଚାଳକ ଫେରାର ମାରିଥିବା ବେଳେ ଗାଡ଼ି ଓ ଖଇର କାଠ ଜବତ କରି ଖପ୍ରାଖୋଲ ବନବିଭାଗ କାର୍ଯ୍ୟଳୟକୁ ଅଣା ଯାଇଛି। ଜବତ କାଠର ମୂଲ୍ୟ ହାରାହାରି ୧୫ କୁଇଣ୍ଟାଲ୍ ହେବ ଏବଂ ତାର ଆନୁମାନିକ ମୂଲ୍ୟ ୧୫ ହଜାର ହେବ ବୋଲି ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା ପ୍ରକାଶ କରିଛନ୍ତି। ଚଢ଼ଉ ବେଳେ ଏସିଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ବନପାଳ ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଞ୍ଜୀବ ପ୍ରଧାନ ସହ ବନ୍ୟ ପ୍ରାଣୀ ସ୍କାର୍ଡ ସାମିଲ ଥିଲେ।

# ଆର୍‌ଏସ୍‌ଆର୍‌ଏସ୍ କ୍ଲବ୍‌ର ବିଭିନ୍ନ ପ୍ରତିଯୋଗିତା

**କଣ୍ଟାବାଞ୍ଜି, ୧୯ ।୧ (ସମିସ):** ଆର୍‌ଏସ୍‌ଆରଏସ୍ କ୍ଲବ ଦ୍ୱାରା ଆୟୋଜିତ ସିଆର୍‌ସିସି ଦିନେଶ ମହାନନ୍ଦଙ୍କ ନେତୃତ୍ୱରେ ଭାରତୀୟ ସେନା ଦିବସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜିର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷା ଆନୁଷ୍ଠାନ ଅନ୍ତର୍ଭୁକ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝରଣୀ କିମ୍ବା ଲକ୍ଷ୍ମୀ ବିକାଶ ଟେକ୍ନୋ ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗୀତା ଚିତ୍ରାଙ୍କନ, ବକ୍ତୃତା, ଦେଶଭକ୍ତି ଗୀତ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ସଫଳ ଭାବେ ସମ୍ପନ୍ନ କରିଛନ୍ତି। କାର୍ଯ୍ୟକ୍ରମକୁ ସଫଳ ଭାବେ ସମ୍ପନ୍ନ କରିବାରେ ନୋଡାଲ ସ୍କୁଲର ଜାନକୀରାମ ସମାବେଦମ, କଣ୍ଟାବାଞ୍ଜି ଭୋକେସନାଲ କଲେଜର ଅଙ୍କିତା ଦାସ, ଓମେନ୍ସ କଲେଜର ଶିକ୍ଷୟତ୍ରୀ ମିମି ମେମ, ସେଣ୍ଟ ଜାଭିୟର ସ୍କୁଲର ରୋହିତ ଅଗ୍ରୱାଲ, ରେଖାଲତା ସାହୁ, ଦୋଳେଶ୍ୱରୀ ଠାକୁର, ହେମାଙ୍ଗିନୀ ପନିକା, ସଞ୍ଜୁ ବରିହା, ଟିକେଶ ଦଣ୍ଡସେନା, ସୁରେନ୍ଦ୍ର ସାହୁ, କଣ୍ଟାବାଞ୍ଜି ଲାଇଂସ ପବ୍ଲିକ ସ୍କୁଲର ଭିଭି ରମନା ମୂର୍ତ୍ତି, ପୁଷ୍ପିତା ମିଶ୍ର, ବିନ୍ଦୁ ସାଗର, ଗତି କୃଷ୍ଣ ପଟେଲ, ସରୋଜ ମିଶ୍ର, ଜେଏମ୍‌ଜେ ଇଂଲିଶ ମିଡ଼ିଅମ ସ୍କୁଲର ଦେବାଶିଷ ବେହେରା, ସୁବ୍ରତ ଭୋଇ, ହିଆଲ ସିଆରସିସି ଅମରେନ୍ଦ୍ର ବାଗ, ଲକ୍ଷ୍ମୀ ବିକାଶ ଟେକ୍ନୋ ସ୍କୁଲର ଶରତ ମେହେର, ଲୋକେଶ ସିଂ, ଓକିଲ ବ୍ରଜ ଶ୍ୟାମ ଗୁରୁ, ସାମ୍ବାଦିକ ରୋହନ କୁମାର ମହତ, ସାମ୍ବାଦିକ ତୁଳସୀରାମ ଜଗତ ସାମାଜିକ କାର୍ଯ୍ୟକର୍ତ୍ତା ଆଶିଷ ବଦ୍ରି ଓ ଗୀତକାର ଉମାକାନ୍ତ ମହାନନ୍ଦ ନିର୍ଣ୍ଣାୟକ ଭାବେ ନିଜ ନିଜ ଦାୟିତ୍ୱ ତୁଲାଇ ଥିଲେ। ଯାହା ପାଇଁ ଆର୍‌ଏସ୍‌ଆରଏସ କ୍ଲବ୍‌ର ମୁହମ୍ମଦ ସେହବାଜ ଖାନ, ସ୍ମିତ ଦଲାଇ ଓ ଆରିଫ ମୁହମ୍ମଦ ସବୁ ଗୁରୁଜନ, ସାମ୍ବାଦିକ ବନ୍ଧୁ, ବିଭିନ୍ନ ଶିକ୍ଷା ଆନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୀତକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



## ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ

# ପାଟଣାଗଡ଼ ଏଫ୍‌ସି ଓ ଜରାସିଂହା ଏଫ୍‌ସି ବିଜୟୀ



**ବଲାଙ୍ଗିର, ୧୯।୧(ସମିସ):** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ ବାଳକ ବିଭାଗ ୧୫ ବର୍ଷରୁ କମ୍ ଚମ୍ପିୟାନସିପ୍ ୨୦୨୫ ଚତୁର୍ଥ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ବଲାଙ୍ଗିର ଜିଲ୍ଲା ପ୍ରଶାସନ, ଓଡ଼ିଶା ଫୁଟବଲ ଆସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିରର ଆୟୋଜନରେ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେଉଛି। ଫାଓ ଓଡ଼ିଶା ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର ଓ ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ପାଟଣାଗଡ଼ ଏଫ୍‌ସି ୪-୨ ଗୋଲରେ ସାଉନ୍ତପୁର ଏଫ୍‌ସିକୁ ହରାଇ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଜରାସିଂହା ଏଫ୍‌ସି ୨-୦ ଗୋଲରେ ତୁରେକେଲା ଏଫ୍‌ସିକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ପୂର୍ବତନ ଖେଳାଳି କରୁଣାକର ପୋଡ ଓ କ୍ରୀଡାବିତ୍ ସୌମେନ୍ଦ୍ର ପରିଚ୍ଛା ଯୋଗ ଦେଇଥିଲେ। ବଲାଙ୍ଗିର ଡିପିଇଓ ପ୍ରଦୀପ କୁମାର ପାତ୍ର, ସଂସଦର ଯୁଗ୍ମ ସମ୍ପାଦକ ଶତୃଘନ ସିଂ, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ଜୟରାମ ମିଶ୍ର, ପ୍ରଭାତ କୁମାର ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, କ୍ରୀଡ଼ା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, କୈଳାସ ଚନ୍ଦ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଖେଳକୁ ଲବ ସୁନାନି, ସଞ୍ଜିବ ମହାରଣା, ରାଜେଶ ବାଗ, ଦୋଳଗୋବିନ୍ଦ ମୁଣ୍ଡା, ଧନେଶ୍ୱର ସେଠ, ସୁଦର୍ଶନ ସେଠ, ଜ୍ୟୋତି ମହାନନ୍ଦ, ଯଶୋବନ୍ତ ମାଝି, ନରସିଂସ୍ୱାମୀ ନାଇଡୁ ଓ ରାଜେନ୍ଦ୍ର ଧରୁଆ ରେଫରି ଭାବେ ଖେଳକୁ ପରିଚାଳନା କରିଥିଲେ। ୨୦ ତାରିଖ ପ୍ରଥମ ମ୍ୟାଚ୍ ସଦାଇପାଲି ଏଫ୍‌ସି ବନାମ ଟିଟିଲାଗଡ଼ ଏଫ୍‌ସି ଓ ଦ୍ୱିତୀୟ ମ୍ୟାଚ ଭାଲେର ଏଫ୍‌ସି ବନାମ ଖପ୍ରାଖୋଲ ଏଫ୍‌ସି ମଧ୍ୟରେ ଖେଳ ହେବ ବୋଲି ଆୟୋଜନ କମିଟିର ଆବାହକ ତଥା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ଜଣାଇଛନ୍ତି।

## ଆଜି ଲୋକଉତ୍ସବ

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିବ ସହର

**ବଲାଙ୍ଗିର, ୧୯।୧(ସମିସ):** ବଲାଙ୍ଗିରବାସୀଙ୍କ ବହୁ ପ୍ରତିକ୍ଷିତ ଲୋକମହୋତ୍ସବ ଆଜିଠାରୁ(ସୋମବାର) ଆରମ୍ଭ ହେବାକୁ ଯାଉଛି। ୪ ଦିନ ଧରି ହେବାକୁ ଥିବା ଲୋକକଳାର ମହାସଙ୍ଗମର ପର୍ବରେ ଜିଲ୍ଲା, ରାଜ୍ୟ ତଥା ଦେଶର କୋଣଅନୁକୋଣରୁ କଳାକାରଙ୍କ ସମାବେଶ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।୨୨ ତମ ବଲାଙ୍ଗିର ଲୋକଉତ୍ସବ ଆସନ୍ତା ୨୦ ତାରିଖ ଠାରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। କାର୍ଯ୍ୟକ୍ରମରେ ଲୋକକଳା ସହିତ ଓରମାସ ଦ୍ୱାରା ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ୨୦ ତାରିଖ ସକାଳ ୯ ଟା ସମୟରେ ପତାକା ଉତ୍ତୋଳନ, ମଞ୍ଚ ପୂଜା ଓ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହେବ। ଅପରାହ୍ନ ୨ ଟା ସମୟରେ କବିତା ପଠନ ଓ ମିନି ଗଳ୍ପ ପାଠୋତ୍ସବ ହେବ। ସନ୍ଧ୍ୟା ୬ ଟା ସମୟରେ ସାଂସ୍କୃତିକ ମଞ୍ଚ ଉଦ୍‌ଘାଟନ ହେବ। ମୁଖ୍ୟଅତିଥି ଭାବରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ। ସନ୍ଧ୍ୟା ୭ ଟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।ଏଥିରେ ହରିୟାଣା ରାଜ୍ୟରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଫାଗ ନୃତ୍ୟ ପ୍ରଦର୍ଶନ କରାଯିବ।ସେହିଭଳି ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ମେଘାଳୟର ଲାହୋ ନୃତ୍ୟ କଳାହାଣ୍ଡିର ସାନ୍ତାଳୀ ନୃତ୍ୟ, ସୁନ୍ଦରଗଡ଼ର ଝୁମର ନୃତ୍ୟ, ଗଞ୍ଜାମର ଯୋଡିଶଙ୍ଖ, ଭଦ୍ରକର ମୋଗଲ ତାମାସା ନୃତ୍ୟ ପ୍ରଦର୍ଶନ କରାଯିବ ବୋଲି ସୂଚନା ରହିଛି। ଟ୍ରାଫିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଚଳିତବର୍ଷ ତିନୋଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସିଡିଏମଓ ଅଫିସ ପଛପଟେ ଥିବା ପୁଲିସ ପଡ଼ିଆ, ବିକ୍ରମ ଛକ ପାର୍କିଂସ୍ଥଳ ଏବଂ ପୁରୁଣା ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡରେ ଗାଡ଼ିମୋଟର ପାର୍କିଂସ୍ଥଳ ନିର୍ମାଣ କରାଯାଇଛି ବୋଲି ସୂଚନା ରହିଛି।

## ବିପଦପୂର୍ଣ୍ଣ ବସ୍‌ଷ୍ଟପ୍ ନିର୍ମାଣ ଅଭିଯୋଗ

# କାମ ସରିବା ପୂର୍ବରୁ ମରାମତି

**ବଲାଙ୍ଗିର, ୧୯ ।୧(ସମିସ)**

ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥର ବିଭିନ୍ନ ଛକ ରେ ନିର୍ମାଣ ହେଉଥିବା ବାସ୍‌ଷ୍ଟପର ସ୍ଥାୟୀତ୍ୱ ନେଇ ଉଠିଛି ପ୍ରଶ୍ନବାଚୀ। ଗୋଟିଏ ପଟେ ଏହାର ନିର୍ମାଣ କାମ ସରିନଥିବା ବେଳେ କାନ୍ଥରେ ଫାଟ ଦେଖିବାକୁ ମିଳିଛି। ଏହା ଆରମ୍ଭ ହେବା ପୂର୍ବରୁ ଏହାର ମରାମତି କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏହାର ଛାତ ଯେଉଁଭଳି ଭାବେ ନିର୍ମାଣ କରାଯାଇଛି ତାହା ଆଗକୁ ବିପଦ କରିବ ବୋଲି ଅଭିଯୋଗ ହୋଇଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ରୁଗୁଡ଼ିଖାଲରେ ନିର୍ମିତ ହୋଇଥିବା ବାସ୍‌ଷ୍ଟପ୍।ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ରୁଗୁଡିଖାଲ ଛକର ଉଭୟ ପାର୍ଶ୍ୱରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯାଉଛି।ବରଗଡ଼ରୁ ବରପାଲି ରାସ୍ତାର ଦୋହରିକରଣ କରାଯାଇଥିବା ବେଳେ ବରପାଲିରୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉଛି। ତେବେ ଏହି ରାସ୍ତା କାମ ପ୍ରାୟ ସରିଯାଇଥିବା ବେଳେ ରୁଗୁଡିଖାଲ ଠାରେ କିଛି ଦିନ ପୂର୍ବରୁ ଉକ୍ତ ବସ୍‌ଷ୍ଟପ କାମ ଆରମ୍ଭ ହୋଇଥିଲା। ଏହାର ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ଦେଖିବାକୁ ମିଳିଛି। ଏହାର କାନ୍ଥର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ଏହାକୁ ତରବରିଆ ଭାବେ ପ୍ଲାଷ୍ଟର ମାରି ଲୁଚାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି କାମ ଚଳା ଭାବେ କାମ ସ୍ଲାପ ପକାଇବା ଭଳି ଏକ ନିମ୍ନମାନର ଛାତ ପକା ଯାଇଥିଲା। ଯାହାକି ଦାବି ଭୁଶୁଡି ଯିବାର ସମ୍ଭାବନା ରହିଥିବା ଲୋକେ ଅଭିଯୋଗ କରିଥିଲେ। ତେବେ ଏହାକୁ ଲୁଚାଇବାକୁ ଯାଇ ଏହାର ମଧ୍ୟ ଭାଗରେ ଏକ ପିଲର ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏହା କିଏ, କେତେ ଟଙ୍କା ଖର୍ଚ୍ଚରେ ନିର୍ମାଣ କରୁଛି ତାହା ସ୍ପଷ୍ଟ ହୋଇନାହିଁ।ଏପରିକି ସୂଚନା ଫଳକ ମଧ୍ୟ ଲଗାଯାଇନହି। ନିମ୍ନ ମାନର କାମ ଯୋଗୁଁ ବସ୍‌ଷ୍ଟପର ସୁରକ୍ଷା ଓ ସ୍ଥାୟୀତ୍ୱ ନେଇ ଲୋକେ ପ୍ରଶାସନ ଉଠାଇଛନ୍ତି। କାମ ଠିକ୍ ଭାବେରେ କରାଯାଇନଥିବା ଓ ଛାତ ଠିକ୍ ଭାବେ ନିର୍ମାଣ ହୋଇନଥିବାରୁ ଆଗକୁ ଏହା ଯାତ୍ରୀଙ୍କ ପାଇଁ ବିପଡ ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି। ଏନେଇ ଅଭିଯୋଗ କରିବା ପରେ ଏହାର ସ୍ଥାୟୀ ବ୍ୟବସ୍ଥା ସତ୍ତ୍ୱେ ଅସ୍ଥାୟୀ ଭାବେ ଦୋଷ ଲୁଚାଇବାକୁ କାମ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ଏହି ନିର୍ମାଣ କାମ ର ସଠିକ୍ ତଦାରଖ କରିବା ସହ ନିମ୍ନମାନ କାମ ଅଭିଯୋଗର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।



## ନିର୍ମାଣାଧୀନ ପ୍ରକଳ୍ପର ନାହିଁ ସୂଚନାଫଳକ

# ଗୋପରାମ ହଂସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ବଙ୍ଗୋମୁଣ୍ଡା, ୧୯ ।୧(ସମିସ):** ବଙ୍ଗୋମୁଣ୍ଡା ଫୁଟବଲ ଖେଳପଡ଼ିଆରେ ପ୍ରଥମ ବର୍ଷ ଗୋପରାମହଂସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସର ଖେଳ ଘୁଷୁରାମୁଡା ଏବଂ ଦେବଙ୍ଗ ଫୁଟବଲ ଟିମ୍ ମଧ୍ୟରେ ହୋଇଥିବା ବେଳେ ପଞ୍ଚୋଟି ଗୋଲ ଦେଇ ଘୁଷୁରାମୁଡା ଫୁଟବଲ ଟିମ୍ ଦେବଙ୍ଗ ଫୁଟବଲ ଟିମ୍‌କୁ ପ୍ରରାସ୍ତକରି ବିଜୟ ଲାଭ କରିଛି।ଉଦ୍‌ଘାଟନୀ ମେଚ୍‌ରରେ ଅତିଥି ଭାବରେ ପୂର୍ବତନ ଫୁଟବଲ ଖେଳାଳି ସର୍ବଶ୍ରୀ ଅମୁଲ୍ୟ କୁମାର ଖମାରି. ସୀତାରାମ ପୁଟେଲ ଚିନ୍ତାମଣୀ ପ୍ରଧାନୀ ତୁଳସିରାମ ହଂସ, ନିତ୍ୟାନନ୍ଦ ହାତୀ, ଶରତ ସିଂ ଭୋଇ, ଅନ୍ଦ୍ରେନ୍ଦୁ ଦାସ, ଯାଦବ ନାରାୟଣ ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ ଖେଳ ପରିଚଳନା ଆଶୀର୍ବାଦ ସା କରିଥିବା ବେଳେ ଲାଇନରେ ସହଯୋଗ କରିଥିଲେ ପ୍ରତାପ ଭୁଏ, ଅଶ୍ୱନୀ ଭୁକ୍ତ ଧରାବିବରଣୀ, ଘନଶ୍ୟାମ ମନହିରା. ଅର୍ଗାନାଇଜର ସ୍ୱାମୀ ବିବେକାନନ୍ଦ ପାଠାଗାର ଏଣ୍ଡ ଆଥଲେଟିକ ଆସୋସିଏସନ ଏବଂ ଫୁଟବଲ ଟିମ୍ ବଙ୍ଗୋମୁଣ୍ଡା ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ ଦିବସ ମାଝୀ, ଡବ୍ଲୁ ହଂସ, ରଶ୍ମିକାନ୍ତ ସିନ୍ଧୁର ଲଲା ମନହିର, ଯଯାତି ସିନ୍ଧୁ. ମଣ୍ଟୁ ସରାଫ। ଆସନ୍ତା ୨୬ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ସୂଚନା ଦେଇଛି

ସକାଳ THE SAKALA



### ମାନିଗୁଡ଼ା ଶାଗୁଆନ ଜଙ୍ଗଲରେ ଶାବକ ସହ ଗଜରାଜ

# ଲୋକଙ୍କ ନିଦ ହଜେଇ ଦେଇଛନ୍ତି ହାତୀପଲ





**ନୂଆପଡ଼ା/କୋମନା, ୧୯।୧(ସମିସ)**

ପ୍ରତିବର୍ଷ ଭଳି ନୂଆପଡ଼ା ଜିଲ୍ଲାରେ ହାତୀପଲ ପ୍ରବେଶ କରିଥିବାବେଳେ ଏହା ଜିଲ୍ଲାବାସୀଙ୍କ ଆଖିରୁ ନିଦ ହଜାଇଦେଇଛି। କୋମନା ଫରେଷ୍ଟ ରେଞ୍ଜ ଅଧୀନ ମାନିଗୁଡ଼ା ଗାଁର ଶାଗୁଆନ ଜଙ୍ଗଲରେ ଦୁଇ ଶାବକ ସହ ୪ ଅଣ୍ଡିରା ଏବଂ ୩ମାଈ ହାତୀ ଦିନତମାମ ଲୁଚି ରହିଥିବାବେଳେ ଏହି ଜଙ୍ଗଲ ଜାତୀୟରାଜପଥ ୩୫୩କୁ ସଂଲଗ୍ନ କରି ରହିଥିବାରୁ ସାଧାରଣ ଯାତ୍ରୀ ଓ ଯାନବାହନ ପ୍ରତି ବିପଦ ସୃଷ୍ଟି କରିଛି। ଏହି ଅଞ୍ଚଳକୁ ଦିନରାତି ବନ ବିଭାଗ ଜଗି ରହିଛି। ଶନିବାର ବିଳମ୍ବିତ ରାତିରେ ପଡ଼ୋଶୀ ବଲାଙ୍ଗିର ଜିଲ୍ଲା ଢୋଲମାନ୍ଦଲ ଜଙ୍ଗଲ ଅଞ୍ଚଳ ଦେଇ ହାତୀପଲ ନୂଆପଡ଼ା ଜିଲ୍ଲାରେ ପ୍ରବେଶ କରିଥିଲା। ଏମାନେ ଅନୁପଗଡ଼ ଦେଇ ପ୍ରବେଶ କରି ମାନିଗୁଡ଼ା ପଞ୍ଚାୟତର

- **ବିପଦରେ ଜାତୀୟ ରାଜପଥ ୩୫୩**
- **ସନ୍ଧ୍ୟା ହେଲେ ତାଟିକବାଟ**
- **ଡ୍ରୋନ୍ ଯୋଗେ ଗତିବିଧି ଅନୁଧ୍ୟାନ**

ଗନିଆରି ଗାଁଦେଇ ମାନିଗୁଡ଼ା ଶାଗୁଆନ ଜଙ୍ଗଲରେ ଅଟକିଥିଲେ। ହାତୀର ଗତିବିଧି ଜାଣିପାରି ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ନିର୍ଦ୍ଦେଶକ୍ରମେ କୋମନା ଫରେଷ୍ଟ ରେଞ୍ଜର ଦେବଦତ ସୁତାରଙ୍କ ନେତୃତ୍ୱରେ ଟିମ ଜଙ୍ଗଲ ନିକଟରେ ପହଞ୍ଚି ଚାରିପଟୁ ଘେରି ରଖିଥିଲେ। ଅନ୍ୟପଟେ ଜାତୀୟ ରାଜପଥ ୩୫୩ରୁ ମାତ୍ର ଶହେ ମିଟର ଦୂରତାରେ ଏହା ରହିଥିବାରୁ ଦିନ ତମାମ ଯାତ୍ରୀ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏପରିକି ବନବିଭାଗ ଟିମ ରାସ୍ତାରେ ଜଗି ରହି ଲୋକଙ୍କୁ ସଚେତନ କରୁଥିଲେ। ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ସହ ବନ୍ୟଜନ୍ତୁ ବିଭାଗ ୱାଡେନ ମାୟାଧର ସରାଫ ମଧ୍ୟ ଏହି ସ୍ଥାନରେ ପହଞ୍ଚି ସଚେତନ କରିଥିଲେ। ଜିଲ୍ଲାରେ ପ୍ରଥମ ଥର ପାଇଁ ଡ୍ରୋନ ଯୋଗେ ହାତୀପଲର ଗତିବିଧିକୁ ଅନୁଧ୍ୟାନ କରାଯାଉଛି। ରିପୋର୍ଟ ଲେଖାଯିବାବେଳ ସୁଦ୍ଧା ରାତି ହେବାପରେ ହାତୀପଲ ସୁନ୍ଦର ଜଳସେଚନ ପ୍ରକଳ୍ପ ତଳି ଅଞ୍ଚଳ ଦେଇଯିବାକୁ ଉଦ୍ୟମ କରୁଥିବା କୁହାଯାଇଛି। ସ୍ଥାନୀୟ ଗନିଆରି ଗାଁର ଦୁଇଜଣ ଚାଷୀଙ୍କ କଦଳୀ ଗଛ ସହ ଧାନତଳିକୁ ମାଡ଼ି ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ହାତୀର ଗତିବିଧିକୁ ଲକ୍ଷ୍ୟରେ ରଖି ବିଜୁଳୀ ସଂଯୋଗ ବିଚ୍ଛିନ୍ନ ରଖାଯାଇଛି ବୋଲି ବିଦ୍ୟୁତ ବିଭାଗ ତରଫରୁ କୁହାଯାଇଛି। ସନ୍ଧ୍ୟାରେ ପଡ଼ାବାସୀ ତାଟିକବାଟ ପକାଉଥିବା ଦେଖିବାକୁ ମିଳିଛି। ଯାନବାହନ ତଥା ଜାତୀୟ ରାଜପଥରେ ଯାତ୍ରୀମାନେ ନିଜନିଜ ସ୍ତରରେ ସାବଧାନତା ଅବଲମ୍ବନ କରିବାକୁ ପ୍ରଶାସନ ତରଫରୁ କୁହାଯାଇଛି।

# ସୁନାପାଲି ନିକଟରେ ସଶସ୍ତ୍ର ଡକାୟତି

**ସୁବଳୟା, ୧୯ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତର ସୁନାପାଲି ନିକଟରେ ସଶସ୍ତ୍ର ଡକାୟତି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଜଣେ ଜଳଛାୟା ପ୍ରକଳ୍ପ କର୍ମଚାରୀଙ୍କୁ ଭୁଜାଲି ମାଡ କରି ମନି ପର୍ସ ସହ ଅଫିସ କାଗଜପତ୍ର ଥିବା ଏକ ବ୍ୟାଗ ଡକାୟତ ଲୁଟି ନେଇଥିବା ଜଣାପଡ଼ିଛି। କର୍ମଚାରୀ ଜଣକ ଭୁଜାଲି ମାଡରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ସୂଚନା ମତେ ଜିଲ୍ଲା ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗର ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ କୁବେର କର୍ମୀ ଉଲୁଣ୍ଡା ବ୍ଲକର ବିଭିନ୍ନ ଗାଁକୁ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟ ପରିଦର୍ଶନ ତଥା ଶ୍ରମିକଙ୍କ ମଜୁରୀ ପ୍ରଦାନ ପାଇଁ ଯାଇଥିଲେ। ସେ କୋଟସମଲାଇରୁ ସୁନାପାଲିକୁ ଗଲାବେଳେ ସୁନାପାଲି ନିକଟରେ ୨ଟି ବାଇକରେ ୬ ଜଣ ଦୃର୍ବୃତ୍ତ ଆସି କୁବେରଙ୍କ ଗାଡ଼ି ଅଟକାଇ ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ଯାହା ଟଙ୍କା ରଖିଛୁ ଦେ କହିବାରୁ ଭୟରେ କୁବେର ନିଜର ମନି ପର୍ସକୁ ବଢ଼ାଇ ଦେଇଥିଲେ। ତ' ସହ ସେ ଧରିଥିବା ବ୍ୟାଗକୁ ଝାମ୍ପି ନେଇ କୁବେରଙ୍କ ବାଇକ୍ ମଧ୍ୟ ଧରି ଫେରାର ମାରିଥିଲେ। ମନି ପର୍ସରେ ପ୍ରାୟ ୨୦ ହଜାର ଟଙ୍କା ଥିବାବେଳେ ବ୍ୟାଗରେ ଅଫିସ କାଗଜପତ୍ର ଥିବା ଜଣାପଡ଼ିଛି।



**କର୍ମଚାରୀଙ୍କୁ ମାଡ଼ମାରି ଟଙ୍କା ଲୁଟ୍**

କୁବେରଙ୍କୁ ଦୃର୍ବୃତ୍ତମାନେ ଏକାଧିକବାର ଭୁଜାଲିରେ ଆକ୍ରମଣ କରିଥିଲେ ହେଁ ତାଙ୍କ ହେଲମେଟ ଓ ପିନ୍ଧିଥିବା ଜ୍ୟାକେଟ ଯୋଗୁଁ ସେ ବର୍ତ୍ତି ଯାଇଥିବା ଦର୍ଶାଇଛନ୍ତି। ଭୁଜାଲି ମାଡ ଯୋଗୁଁ ତାଙ୍କ ଜ୍ୟାକେଟ ଚିରି ଯାଇଥିବା ବେଳେ ମୋବାଇଲର ଗ୍ଲାସ ମଧ୍ୟ ଭାଙ୍ଗି ଯାଇଛି। ତେବେ ତୁରନ୍ତ ସେ ପଡୋଶୀ ଗାଁକୁ ଫୋନ ଯୋଗେ ସବୁକଥା ଜଣାଇଥିଲେ। ଗଏଲଗୁଡ଼ି ନିକଟରେ ଦୁର୍ବୃତ୍ତମାନେ ବାଇକ୍ ଛାଡ଼ି ପଳାଇ ଯାଇଥିବା ବେଳେ ସେଠାରୁ ବାଇକ୍‌କୁ ଉଦ୍ଧାର କରାଯାଇଛି। ଘଟଣା ନେଇ କୁବେର ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୧୪ ତାରିଖରେ ଲେହିଡି ଛକରେ ଡକାଏତି ଘଟଣାରେ ଏବେ ସୁଦ୍ଧା କେହି ଦୁର୍ବୃତ୍ତ ଧରାପଡ଼ି ନାହାଁନ୍ତି।

# ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ସୁବଳୟା, ୧୯ ।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ ଅନ୍ତର୍ଗତ ବୁରୋମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ କ୍ଲଷ୍ଟର ସ୍ତରୀୟ ସଭା ଓସେପା ଓଡ଼ିଶା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିଆରସିସି.କୌସ୍ତୁଭ ମଣି ଦାସ ସଭାପତିତ୍ୱ କରିଥିଲେ। ପିତାମହୁଲ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଯୋଗ ଦେଇଥିଲେ। ଏହା ଜାନୁଆରୀ ମାସର ଶୈକ୍ଷିକ କେଲେଣ୍ଡର, ମୌଳିକ ସା କ୍ଷରତକ୍ଷ ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଚାଳନା ଅସୁବିଧା ସୁଭିଧା କୀଟର ଶିକ୍ଷଣ ସାମଗ୍ରୀକୁ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଦଶମିକ ସଂଖ୍ୟାର ଶ୍ରେଣୀ ପରିଚାଳନା ସହିତ ଦଶମିକ ପଟି ବ୍ୟବହାର କରି ସଂଖ୍ୟାକୁ କିପରି ଲେଖାଯିବା ବିଷୟରେ ବିସ୍ତୃତ ଆଲୋଚନା କରିଥିବା ଜଣାଯାଇଛି।

### ମାଟିର ପର୍ବ ମାଟିର ଗର୍ବ

# କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ ପ୍ରତୀକ ଉନ୍ମୋଚିତ

**କଣ୍ଟାବାଞ୍ଜି, ୧୯ ।୧(ସମିସ):** ଚଳିତ ବର୍ଷ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ମାର୍ଚ୍ଚ ୧୦, ୧୧ ଏବଂ ୧୨ ତାରିଖ ତିନି ଧରି ଧୁମଧାମରେ ପାଳିତ ହେବାକୁ ଯାଉଛି କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ ୨୦୨୫।



ଏହାକୁ ଆବାହକ ପୁଷ୍ପକେତୁ ବେହେରା ଆହ୍ୱାନ କ୍ରମେ କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ ସଭାପତି ବ୍ରଜ ଶ୍ୟାମ ଗୁରୁଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ରୋଡ ନଂ ୩ ସ୍ଥିତ ହରି ଭବନରେ ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବରିଷ୍ଠ ସମାଜସେବୀ ଶିବାଜୀ ମାହାନ୍ତି, କଣ୍ଟାବାଞ୍ଜି ନଗରପାଳ ବରୀୟାମ ସିଂ ସାଲୁଜା ଯୋଗ ଦେଇ କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ ୨୦୨୫ର ପ୍ରତିକ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅତିଥିମାନେ ତାଙ୍କ ଅଭିଭାଷଣ ରଖିଥିଲେ। ପହେଲା ମାଟି ପରେ ପାର୍ଟି ବାର୍ତ୍ତା ଦେଇ ଏହି ମାଟିର୍ ମହୋତ୍ସବ ସଫଳ କରିବାକୁ ଆହ୍ୱାନ କରିଥିଲେ। ଏବଂ ଅତିଥିମାନେ ଏହି ମହୋତ୍ସବକୁ ସବୁ ପ୍ରକାର ସହଯୋଗ କରିବାକୁ ଘୋଷଣା କରିଥିଲେ। ମହୋତ୍ସବ ମଞ୍ଚରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାର ଆସି ତାଙ୍କ ପ୍ରତିଭା କେମିତି ପରିବେଷିତ କରିବେ ସେନେଇ ଆଗାମୀ ଖସଡା ମଧ୍ୟ ପ୍ରସ୍ତୁତ କରାଯାଉଛି। କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଦାଶ, ସମ୍ପାଦକ ମନୋଜ ଦାସ, ସମାଜସେବୀ ଶ୍ରୀବଚ୍ଛ ବେହେରା, ପ୍ରମୁଖ ମଞ୍ଚାସିନ ଥିବା ବେଳେ ଉପସଭାପତି ସନ୍ତୋଷ ଅଗ୍ରୱାଲ, ନିଶିକାନ୍ତ ମହାପାତ୍ର, କୈଳାଶ ଦୀପ, ସହ ସମ୍ପାଦକ ଦିନେଶ ମହାନନ୍ଦ, ଆଶିଷ ବଦ୍ରୀ, ରାଜେନ୍ଦ୍ର ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ଯୁଗଳ କିଶୋର ଶବର, ଆଇନ ପରାମର୍ଶଦାତା ବିବେକ ଶର୍ମା, ପ୍ରଚାରକ ରୋହନ କୁମାର ମହତ, ସାଂସ୍କୃତିକ ସଂଯୋଜକ ରଶ୍ମିରଞ୍ଜନ ପୁଟେଲ, ସାଂସ୍କୃତିକ ସମ୍ପାଦକ ଅମରେନ୍ଦ୍ର ବାଗ, କାର୍ଯ୍ୟକାରିଣୀ ସଦସ୍ୟ ବିମଳ ହାତୀ, ଇକୁ ବେହେରା, ନାଗେଶ୍ୱର ଦୀପ, ରାଜୁ ବାରିକ, ପ୍ରମାନନ୍ଦ ପୁଟେଲ, ଛୋଟୁ ବେହେରା, ପ୍ରଦୀପ ବାଘା, ଇଲୁ ନାଗ, ସତ୍ୟନାରାୟଣ ଅଗ୍ରୱାଲ, ସେହେବାଜ ଖାନ, ସୋନୁ ସତପଥି, ବିଟୁ ସଂଘା, ବାବୁ ବାଗ, ଉମାକାନ୍ତ ମହାନନ୍ଦଙ୍କ ସହ ସହର ବିଭିନ୍ନ ସାମାଜିକ ସଂଗଠନ ବ୍ୟକ୍ତି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଆମଠାପଡ଼ାରେ ମାଣ୍ଡିଆ ଉପରେ ତାଲିମ ଶିବିର

# ଡୁମାଲ ସମାଜର ଜିଲ୍ଲାସ୍ତରୀୟ ସାଧାରଣ ବୈଠକ

**ବୀରମହାରାଜପୁର/ସବଳୟା, ୧୯ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ମହଦା ପଞ୍ଚାୟତ ଅନ୍ତର୍ଗତ ତିକୁଡା ଗ୍ରାମର ଝାର ତପୋବନ ଶିବ ମନ୍ଦିରରେ ଜିଲ୍ଲା ଡୁମାଲ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତି ସମାଜର ସଂସ୍କାର ଆଣିବା, ବାଲ୍ୟବିବାହ ବନ୍ଦ କରିବା, ନାରୀ ନିର୍ଯାତନା ରୋକିବା ପାଇଁ ପ୍ରସ୍ତାବମାନ ଆଗତ କରାଯାଇଛି।ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ସଭାପତି ଅଶ୍ୱିନୀ କୁମାର ମହାକୁରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଆସନ୍ତା ଫେବୃୟାରୀ ମାସ ୯ ତାରିଖ ରୁ ୧୦ ତାରିଖ ଦୁଇ ଦିନ ଧରି କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରା ଯାଇଥିଲା।ପ୍ରଥମ ଦିନ ଜିଲ୍ଲାର ୮୮ଟି ମାହେଶ୍ୱରୀ ମନ୍ଦିର ପୀଠ ଗୁଡ଼ିକର ସେବାୟତଙ୍କୁ ନେଇ ହିଙ୍ଗମା ମାହେଶ୍ୱରୀ ମନ୍ଦିର ଠାରୁ ଗୁରପଙ୍ଗା, ତିକୁଡା ଗ୍ରାମ ଦେଇ ଝାର ତପୋବନ ଶିବ ମନ୍ଦିର ତିକୁଡା ସଭାମଣ୍ଡପକୁ ଅଣାଯିବ।ଦ୍ୱିତୀୟ ଦିନରେ ଜାତି ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ବୈଠକରେ ଜିଲ୍ଲା ଉପସଭାପତି ଜାନକୀ ରାମ ଦେହେରୀ, ଲକ୍ଷ୍ମଣ ବସ୍ତିଆ, ଦିନବନ୍ଧୁ ବଘାର, ନରସିଂହ ପଧାନ, ବଶିଷ୍ଠ ପର୍ଡ଼ିଆ, ମାର୍କଣ୍ଡ କର୍ମୀ, ରାମ ବସ୍ତିଆ, ରଘୁନାଥ ମହାକୁର, ମୂରଲୀ ପାତ୍ର, କୃଷ୍ଣଚନ୍ଦ୍ର କମ୍ପ, ସୁରେଶ ପାତ୍ର, ସତ୍ୟନାରାୟଣ ମେଣ୍ଡିଲି, ଆୟତନ କଲତା, ଅଶ୍ୱିନୀ ପାତ୍ର, ସତ୍ୟନାରାୟଣ ପଧାନ, ରବି ବଘାର, ଅଦ୍ଭୁତ ପଧାନ, କବି ବେହେରା, ମୀନକେତନ ମହାକୁର, ସୁବଳ କର୍ଣ୍ଣ, ହରିହର ପଧାନ, ଗୁଣ କର୍ଣ୍ଣ, କଳ୍ପ ବାରିକ ସନ୍ତୋଷ ମହାକୁର, ଗରିବ ପାତ୍ର, ନବୀନ ଦେହୁରୀ ଭରତ ଖେତୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହିଙ୍ଗମା କେନ୍ଦ୍ର ଉପସଭାପତି ଜଗନ୍ନାଥ ପାତ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ।

# ପଞ୍ଚବଟୀ ଉଦ୍ୟାନ ପରିଚାଳନା ପାଇଁ ଅର୍ଥ ନାହିଁ

**ସୋନପୁର, ୧୯ ।୧(ସମିସ):** ସୋନପୁର ସହର ଉପକଣ୍ଠ ଝିଙ୍କି ଟିକ୍ରାଠାରେ ନିର୍ମାଣ ହୋଇଥିବା ପଞ୍ଚବଟୀ ଉଦ୍ୟାନର ଅବସ୍ଥାକୁ ନେଇ ଗତ ନଭେମ୍ବର ୧୭ ତାରିଖରେ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ପାଣିରେ ପଡ଼ିଲା ୧୮ ଲକ୍ଷ' ଶୀର୍ଷକ ଖବରକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ରାଜ୍ୟ ସରକାରଙ୍କ ଜନ ଶୁଣାଣି ଅଭିଯୋଗ ପୋର୍ଟାଲରେ ଅଭିଯୋଗ ଦାଖଲ କରିଥିଲେ।ଏହି ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ରେଞ୍ଜର ପଞ୍ଚବଟୀ ଉଦ୍ୟାନକୁ ଯାଇ ଅନୁଧ୍ୟାନ କରିଥିଲେ। ତାଙ୍କ ରିପୋର୍ଟ ଅନୁସାରେ ଏମ୍‌ଏନ୍‌ଆର୍‌ଇଜିଏସ୍ ଏବଂ ଆଇଏପି ପାଣ୍ଠିରୁ ଉଦ୍ୟାନ ନିର୍ମାଣ ହୋଇଥିବା ବେଳେ ଉଦ୍ୟାନ ପରିଚାଳନା ପାଇଁ ଏବେ ଆଉ ପାଣ୍ଠି ନାହିଁ। ତେବେ ଏହା ନିର୍ମାଣ ପୂର୍ବରୁ ବନ ବିଭାଗ ପରିଚାଳନା ପାଇଁ ଚିନ୍ତା କରି ନଥିଲା କି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ଉଦ୍ୟାନକୁ ବହୁତ କମ ଲୋକ ଆସୁଛନ୍ତି ବୋଲି ବନ ବିଭାଗ ଦର୍ଶାଉଛି। ଉଦ୍ୟାନରେ ଲୋକଙ୍କ ପାଇଁ ସର୍ବନିମ୍ନ ସୁବିଧାର ବ୍ୟବସ୍ଥା କରାଯାଇ ନାହିଁ। ଏତେ ବଡ ଉଦ୍ୟାନରେ ଶୌଚାଳୟଟିଏ ବି ନିର୍ମାଣ କରାଯାଇ ନାହିଁ। ଜାଣିଶୁଣି ଏହି ଉଦ୍ୟାନକୁ ଅଣଦେଖା କରାଯାଇ ଥିବା ଅଭିଯୋଗ ହୋଇଛି। ରାସ୍ତାର ଅପରପାର୍ଶ୍ୱରେ ସେହି ଅର୍ଜୁନପୁର ଜଙ୍ଗଲ ନିକଟରେ ବନ ବିଭାଗ ପକ୍ଷରୁ ଆଉ ଏକ ଉଦ୍ୟାନ ନିର୍ମାଣ ହେଉଛି। ପୁଣି ସେହି ସମାନ ସମସ୍ୟା ହେବ ନାହିଁ ତ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ କରି ବହୁ ମୂଲ୍ୟବାନ ଗଛ ଲଗାଇ ପଞ୍ଚବଟୀ ଉଦ୍ୟାନ ନିର୍ମାଣ କରାଯାଇ ଥିବାରୁ ଏହାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ପାଇଁ ସାଧାରଣରେ ଦାବି ହେଉଛି।

# ଧରିତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ଗୋପୀ ଫାଇଟର ଚାମ୍ପିଅନ




**ବୌଦ୍ଧ, ୧୯ ।୧(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କିରାସିରା ଗ୍ରାମ ଖେଳ ପଡ଼ିଆରେ ଗତ ମଙ୍ଗଳବାରରୁ ଧରିତ୍ରୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଧରିତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡର ସମ୍ପାଦକ ଧର୍ମଧର ପୋଢ଼, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଗ୍ରାମୀଣ ମଣ୍ଡଳ ସଭାପତି ସୁଶୀଳ ହୋତା, ବିକ୍ରମ ପ୍ରଧାନ, ଗୋବିନ୍ଦ ଝାଙ୍କର ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଗୋପୀ ଫାଇଟର ବିଳାସପୁର ଓ ଏଫଏଫସିସି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପୀ ଫାଇଟର ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଉପ ବିଜେତା ଏଫଏଫସିସି ବୌଦ୍ଧକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଚାମ୍ପିଅନ ଗୋପୀ ଫାଇଟର ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ। ଅଜିତ ନାଏକ ଓ ଅଞ୍ଜନ ଭୋଇ ଅମ୍ପାୟାର ଭାବେ ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ସବ୍ୟସାଚୀ ପ୍ରଧାନ ଓ ଆକାଶ ପ୍ରଧାନ ସ୍କୋରର ଭୂମିକା ନିର୍ବାହ କରିଥିଲେ।

# ମା' ବାଉତି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ପଲଶାପାଟକୁ ହରାଇ ଅଡ଼େଣିଗଡ଼ ଚାମ୍ପିଅନ

**ଚାରିଛକ, ୧୯ ।୧(ସମିସ):** ହରଭଙ୍ଗା ବ୍ଲକ ସମ୍ଭୋଚ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ମା "ବାଉତି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅଡ଼େଣିଗଡ଼ ଏବଂ ପଲଶାପାଟ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଆଡ଼େନିଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ୧୬୫ ରନର ବିଜୟ ଲକ୍ଷ୍ୟ ନେଇ ପଲଶାପାଟ ଦଳ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ଆଡ଼େନିଗଡ଼ଠାରୁ ୪୯ ରନରେ ପରାଜିତ ହୋଇଥିଲା। ଏହାଫଳରେ ଆଡ଼େନିଗଡ଼ ଟିମ ଚାମ୍ପିଅନ୍ ହୋଇଥିଲା। ଅମ୍ପାୟାର ଭାବେ ଶ୍ରୀକାନ୍ତ ନାଏକ, ପ୍ରବୀନ ଭୋଇ ଦାୟିତ୍ୱ ତୁଲାଇଥିଲେ। ଚମ୍ପିୟାନ୍ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ



୭ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସମବାୟ ସମିତି ସମ୍ପାଦକ ବ୍ରଜେନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପ୍ରଧାନ, ଗ୍ରାମ ସଭାପତି ମିହିର କର୍ଣ୍ଣ ଯୋଗ ଦେଇଥିଲେ। ଦୀର୍ଘ ୮ ଦିନ ଧରି ଟୁର୍ଣ୍ଣାମେଣ୍ଟ ଚାଲିଥିଲା। ଆଶୁତୋଷ ମହାପାତ୍ର, ପିକୁନ କର୍ଣ୍ଣ, ଅନ୍ତର୍ଯ୍ୟାମୀ ବେହେରା, ବବଲୁ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ।

# ବୀରଖୁମ୍ବ ମଣ୍ଡପର ଶୁଭଖମ୍ବ ସ୍ଥାପନ

## ଗନ୍ଧରାଡ଼ି ମହୋତ୍ସବ ପ୍ରସ୍ତୁତି ବୈଠକ

**ବୌଦ୍ଧ, ୧୯ ।୧(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ନିକଟରେ ରବିବାର ପୂର୍ବାହ୍ନରେ ବୀରଖୁମ୍ବ ମଣ୍ଡପ ନିର୍ମାଣ ପାଇଁ ଶୁଭଖମ୍ବ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗନ୍ଧରାଡ଼ି ଲୋକକଳା ମହୋତ୍ସବ କମିଟିର ସଭାପତି ଅଶୋକ ସାହୁ ଓ ତାଙ୍କ ପତ୍ନୀ କଳ୍ପନା ରାଣୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନୀଳକଣ୍ଠ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହା ପରେ ଗନ୍ଧରାଡ଼ି ଲୋକକଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶମ୍ଭୁ ଗିରି ବୈଠକର ଉଦ୍ଦେଶ୍ୟ ଓ ମହୋତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ସହ ସମ୍ପାଦକ ସ୍ୱାଧୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ ଗୁରୁ, ହୃଦାନନ୍ଦ ସାହୁ, ଆଦି ଜେନା, ବାବୁ ବହିଦାର, ଅଜିତା ମିଶ୍ର, ପ୍ରଚାର ପ୍ରସାର କମିଟିର ସଂଯୋଯୋକ ସୁଧାଂଶୁ ଶେଖର ମିଶ୍ର, ବିଦ୍ୟାଧର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ତିଳେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମି ଫାଇନାଲରେ ଝାରସୁଗୁଡ଼ା



**ଚାରିଛକ, ୧୯ ।୧(ସମିସ):** ହରଭଙ୍ଗା ବ୍ଲକ ତିଳେଶ୍ୱର ହାଇସ୍କୁଲ ଖେଳପଡ଼ିଆରେ ବଜାର ଆସୋସିଏସନ ପକ୍ଷରୁ ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିନର ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ତିଳେଶ୍ୱର ଫୁଟବଲ କ୍ଲବ ଓ ଝାରସୁଗୁଡା ମଧ୍ୟରେ ରୋମାଞ୍ଚକର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲେ ବି ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲସ୍କୋର କରି ପାରି ନ ଥିଲେ। ଏହାଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୪.୩ ଗୋଲରେ ଝାରସୁଗୁଡା ବିଜୟୀ ହୋଇଛି। ସୁବାଷ ପ୍ରଧାନ, ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ ଦାସ, ଅଡେଣିଗଡ଼ ସରପଞ୍ଚ ଅଜିତ ପ୍ରଧାନ, ଗୌତମ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଅର୍ଜୁନ ପ୍ରଧାନ ଓ ସମ୍ପାଦକ ମହେଶ୍ୱର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳକୁ ମୁଖ୍ୟ ରେଫରି ଭାବେ ଆଲୋକ ଦେହୁରୀ ପରିଚାଳନା କରିଥିଲେ। ଲାଇନ୍ସରେ ଲକ୍ଷ୍ମଣ ସେଠ, ସଲିଲ ବେହେରା ଓ ଚତୁର୍ଥ ରେଫରି ଭାବେ ପାପୁନ୍ ବେହେରା ଦାୟିତ୍ୱ ତୁଲାଇଥିଲେ। ସିମୁନ ନାଏକଙ୍କ ଦ୍ୱାରା ଖେଳର ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ, ପ୍ରବୀଣ ବେହେରା, କିନୁ ବେହେରା, କାହ୍ନା ବାରିକ, ବୁଲୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତଃଜିଲ୍ଲା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

**ନୂଆପଡ଼ା/ଖଡ଼ିଆଳ, ୧୯।୧(ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଖଡ଼ିଆଳ ଯୁବମୋର୍ଚ୍ଚା ପକ୍ଷରୁ ତିନିଦିନଧରି ଚାଲିଥିବା ଆନ୍ତଃଜିଲ୍ଲା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ ଉଦ୍‌ଯାପିତ ହୋଇଯାଇଛି। ୩୫ ବର୍ଷ ବୟସରୁ କମ ବର୍ଗରେ ଫାଇନାଲ ମ୍ୟାଚରେ ବଲାଙ୍ଗିରର ମହମ୍ମଦ ଇରଫାନ ଓ ଚିନ୍ମୟ ବେହେରା ଯୋଡ଼ି ୨-୧ ସେଟରେ ମହମ୍ମଦ ଆକିବ ଓ ଅଭୟ ସାହୁ ଯୋଡ଼ିକୁ ହରାଇ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୩୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବର୍ଗରେ ରିତେଶ ବାବୁ ଓ ବନବିହାରୀ ବେହେରା ଯୋଡ଼ି ୨-୦ ସେଟରେ ସୁଦୀପ୍ତ ବିଶୋଇ ଓ ଲକ୍ଷ୍ମୀକାନ୍ତ ପୂଜାରୀ ଯୋଡ଼ିକୁ ହରାଇ ଚାମ୍ପିଅନ ହୋଇଛନ୍ତି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ,




ସମ୍ମାନିତ ଅତିଥିଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଇଂ. ସୌମ୍ୟକିଶୋର ଜୟପୁରିଆ, ଚିତ୍ରଭାନୁ ସିଂଦେଓ ଓ ସାମ୍ବାଦିକ କୁନୁ କରୁଆଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଚାମ୍ପିଅନ ଓ ରନର୍ସଅପ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସମାରୋହରେ ଖଡ଼ିଆଳ ଯୁବମୋର୍ଚ୍ଚାର ସଭାପତି ଅଭିଳାଷ ସିଂଦେଓ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସଞ୍ଜୟ ସେଠୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସରୋଜ ପଣ୍ଡା ଓ ସୌରଭ ପଣ୍ଡା ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପ୍ରସନ୍ନ ମାହାନା, ନନ୍ଦ ନାଗ, ରଶ୍ମି ରଞ୍ଜନ ପାଣିଗ୍ରାହୀ, ଆଲୋକ ରଥ, ମାନସ ପତି, ବିଜୁ ସେଠୀ ଓ ଅଙ୍କିତ ସାହୁ ସହଯୋଗ କରିଥିଲେ।

**୩୫ବର୍ଷରୁ କମରେ ମହମ୍ମଦ ଇରଫାନ ଓ ଚିନ୍ମୟ ବେହେରା ଯୋଡ଼ି**

**୩୬ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବର୍ଗରେ ରିତେଶ ବାବୁ ଓ ବନବିହାରୀ ବେହେରା ଯୋଡ଼ି ଚାମ୍ପିଅନ**

## ରେଳପଥ ସୁଡଙ୍ଗ ଖନନରୁ ବାହାରୁଥିବା ପଥର ଖୁଲମଖୁଲା ଚୋରି

# ଆକଳନ ହେଉନି, ଟେଣ୍ଡର ପାଇଁ ପଛଘୁଞ୍ଚା

ଚାରିଛକ,୧୯ ।୧(ସମିସ)



ସରକାର ଲଘୁଖଣିଜ ପଦାର୍ଥ ଚୋରି ଦିଗରେ ରୋକ ଲଗାଇବା ପାଇଁ ରାଜସ୍ୱ ବିଭାଗରୁ ଦାୟିତ୍ୱ କାଢି ନେଇଛନ୍ତି । ଏବେ ଏହାର ପରିଚାଳନା ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି । ରାଜସ୍ୱ ବିଭାଗରୁ ଲଘୁଖଣିଜ ଦ୍ରବ୍ୟ ପରିଚାଳନା ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର ପରେ ନୂଆ ଆଶା ସୃଷ୍ଟି ହୋଇଥିଲା; ହେଲେ ପୂର୍ବ ଭଳି ଲଘୁଖଣିଜ ଦ୍ରବ୍ୟ ଜିଲ୍ଲାରେ ବ୍ୟାପକ ଚୋରି ହେଉଛି । ଏବେ ମହରଗରୁ ଯାଇ କାନ୍ତାରରେ ପଡିବା ଭଳି ଅବସ୍ଥା ସୃଷ୍ଟି ହୋଇଛି । ଲଘୁ ଖଣିଜ ପଦାର୍ଥ ଚୋରି ରୋକିବାରେ ଖଣି ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି କହିଲେ ଚଳେ । ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲରେ ରେଳପଥ ସୁଡଙ୍ଗ ଖନନ ଚାଲିଛି । ଏଥିରୁ ବାହାରୁଥିବା ପଥର ବ୍ୟାପକ ଭାବେ ଚୋରି ହେଉଛି । ଏଥିରୁ ଜଣା ପଡୁଛି ଖଣି ବିଭାଗ କିଭଳି ନିଜ ଦାୟିତ୍ୱ ନିର୍ବାହ କରୁଛି ।

ଜିଲ୍ଲାର ହରଭଙ୍ଗା ତହସିଲ ଅଞ୍ଚଳରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଆଡେଣିଗଡ, ତେଇସିମାଇଲ ଏବଂ ମାର୍ଦ୍ଦିଙ୍ଗ ନିକଟରେ ୪, ୫, ୬ ଏବଂ ୭ ଭଳି ୪ଟି ରେଳ ସୁଡଙ୍ଗ ନିର୍ମାଣ କାର୍ଯ୍ୟ ଚାଲିଛି । ସୁଡଙ୍ଗ ଖନନ ପରେ ଏହା ଭିତରୁ ବାହାରୁଥିବା ପ୍ରଚୁର ପରିମାଣରେ ଗ୍ରାନାଇଟ ପଥର, ମାଟିକୁ ବିଭିନ୍ନ ସ୍ଥାନରେ ପାହାଡ ଭଳି ଗଦା କରାଯାଇଛି । ଖଣି ନିୟମ ଅନୁସାରେ ଗଦା ହୋଇଥିବା କୋଟି କୋଟି ଟଙ୍କାର ପଥରର ଟେଣ୍ଡର କରାଯାଇ ରାଜସ୍ୱ ଆଦାୟ କରାଯିବାର ବିଧିବ୍ୟବସ୍ଥା ରହିଛି; ମାତ୍ର ଖଣି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି । ବିନା କାଗଜପତ୍ରରେ ଏସବୁ ଗ୍ରାନାଇଟ ପଥରକୁ ନିଜ କ୍ରସରରେ ବ୍ୟବହାର କରି ଚିପ୍ସ, ମେଟାଲ ଆଦି ପ୍ରସ୍ତୁତ କରାଯାଉଛି । ନିର୍ମାଣ କାର୍ଯ୍ୟରେ ବ୍ୟବହାର କରି କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କି ଚାଲିଛି । ହଜାର ହଜାର ଟ୍ରିପ୍ ଗ୍ରାନାଇଟ ପଥରର ଆକଳନ କରାଯାଇ ଟେଣ୍ଡର କରିବା କଥା । ଅନ୍ୟପଟେ ଏହାର ସୁଯୋଗ ନେଇ ପୁର୍ନବାର ହରଭଙ୍ଗା ତହସିଲର ତେଇସିମାଇଲ ଅଞ୍ଚଳରେ ଖୁଲମଖୁଲା ଭାବେ ସୁଡଙ୍ଗ ଖନନ ପଥରକୁ କ୍ରସର ସାହାଯ୍ୟରେ ଭଙ୍ଗା ଯାଇ ଚିପ୍ସ, ମେଟାଲ ଆଦି ପ୍ରସ୍ତୁତ କରାଯାଇ ଖୁଲମଖୁଲା ଚୋରାଚାଲାଣ କରାଯାଉଛି । ଖଣି ବିଭାଗ ପାଖରେ ଏ ନେଇ ଖବର ନ ଥିବା ଖଣି ଅଧିକାରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଛିଡା କରିଛି । ଖଣି ବିଭାଗର ନୀରବତା ପରୋକ୍ଷରେ ଏଭଳି ଢଙ୍ଗରେ ପଥର ଚୋରିକୁ ପ୍ରୋତ୍ସାହନ ଯୋଗାଉଛି । ଏହାଫଳରେ ଗୋଟିଏ ପଟେ ସରକାର କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ସହୁଛନ୍ତି । ମାଛ ତେଲରେ ମାଛ ଭାଜି ଠିକାସଂସ୍ଥା ଲାଭବାନ ହେଉଛି । ଅନ୍ୟପଟେ ଜିଲ୍ଲାରେ ବ୍ୟାପକ ବାଲି ଚୋରାଚାଲାଣ ନେଇ ଗତ ଗୁରୁବାର ବିଜେଡିର ସାମ୍ବାଦିକ ଘଟଣାକୁ ଲକ୍ଷ୍ୟ କଲେ ଏହା ପଛରେ ବଡବଡିଆଙ୍କ ହାତ ଥିବା ମଧ ବାରି ହୋଇପଡୁଛି । ଏ ସମ୍ପର୍କରେ ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତଙ୍କୁ ପଚାରିବାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା ।

**● କୁମ୍ଭକର୍ଣ୍ଣ ନିଦ୍ରାରେ ରାଜସ୍ୱ, ଖଣି ବିଭାଗ**
**● କୋଟି କୋଟି ଟଙ୍କା ରାଜସ୍ୱହାନି**

## ରାମେଶ୍ୱର ମନ୍ଦିରରେ ଫାଟ; ମରାମତି ପାଇଁ ତତ୍ପରତା ନାହିଁ

ସୋନପୁର,୧୯ ।୧(ସମିସ): ମନ୍ଦିର ମାଳିନୀ ସୋନପୁର ସହରର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅବସ୍ଥିତ ରାମେଶ୍ୱର ମନ୍ଦିରରେ ବର୍ଷସାରା ରାଜ୍ୟ ତଥା ବାହାରର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ । ରାମେଶ୍ୱର ମନ୍ଦିରକୁ ସ୍ୱୟଂ ରାମଚନ୍ଦ୍ର ପ୍ରତିଷ୍ଠା କରିଥିଲେ ବୋଲି ବିଶ୍ୱାସ ରହିଛି । ଏଭଳି ଐତିହାସିକ ତଥା ସାଂସ୍କୃତିକ ସ୍ୱାକ୍ଷର ବହନ କରୁଥିବା





ମନ୍ଦିରରେ ବର୍ଷ ବର୍ଷ ହେଲା ମନ୍ଦିରରେ ଦେଖାଯାଇଥିବା ଫାଟ

ମରାମତି ହୋଇ ପାରୁନାହିଁ ।ଫାଟ ମରାମତି କରିବା ବଦଳରେ ମନ୍ଦିରର ବାହାର ପଟ କାନ୍ଥରେ ରଙ୍ଗ ବୋଳି ଦାୟିତ୍ୱ ସାରି ଦେଉଛନ୍ତି । ବାହାରୁ ମନ୍ଦିର ଦେଖିଲେ ଚକାଚକ ଦେଖାଯାଉ ଥିବା ବେଳେ ଚନ୍ଦନ ମଣ୍ଡପରେ ଫାଟ ଯୋଗୁଁ ଅଛରାଏ ବର୍ଷା ହେଲେ ମନ୍ଦିର ଭିତରକୁ ପାଣି ଗଳୁଛି ।ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି । ମନ୍ଦିର ମାଳିନୀ ସୋନପୁର ସହରର ବିଭିନ୍ନ ମନ୍ଦିର ଓ ପୁରାତନ କୀର୍ତ୍ତିରାଜି ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସାଭିମୁଖୀ ହେଲାଣି ।ସୁବର୍ଣ୍ଣପୁରର ପୁରାତନ କେଶବ ଆଦିତ୍ୟ, ମହାକାଳେଶ୍ୱର ମନ୍ଦିର କେବେଠାରୁ ମାଟିରେ ମିଶି ଗଲାଣି । ସେହିପରି ସୋନପୁରର ପୁରାତନ ଶୈବ ପୀଠ ରାମେଶ୍ୱର ମନ୍ଦିର ଅବସ୍ଥା ଏଭଳି ହେଲାଣି ଶୀଘ୍ର ମରାମତି ନହେଲେ ଦେଉଳ ଭୁଶୁଡି ପଡିବ । ରାମେଶ୍ୱର ମନ୍ଦିରର ଚନ୍ଦନ ମଣ୍ଡପରେ ବର୍ଷ ବର୍ଷ ହେଲା ଫାଟ ଦେଖା ଦେଇଛି ।କାନ୍ଥ ଫାଟି ଆଁ କରିଛି । ବର୍ଷା ଦିନେ ସାମାନ୍ୟ ବର୍ଷା ହେଲେ ମନ୍ଦିର ଛାତରୁ ପାଣି ଗଳୁଛି । ଅଛରାଏ ବର୍ଷା ହେଲେ କାନ୍ଥର ଭିତର ପଟ ଓଦା ହୋଇ ଯାଉଛି । ବୃଷଭ ମଣ୍ଡପରେ ମଧ ସାମାନ୍ୟ ବର୍ଷା ହେଲେ ପାଣି ଝରୁଥିବା ଅଭିଯୋଗ ହୋଇଛି । କେବଳ ରାମେଶ୍ୱର ନୁହେଁ ସମଲେଇ ମନ୍ଦିର ବଳି ମଣ୍ଡପରେ ମଧ ଫାଟ ସୃଷ୍ଟି ହୋଇଛି ।ରାମେଶ୍ୱର ମନ୍ଦିର ଫାଟ ମରାମତିକୁ ଅଣଦେଖା କରାଯାଉଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ବଡବଜାର ନିବାସୀ ସଚିଦାନନ୍ଦ ଦାଶ କହିଛନ୍ତି ବହୁ ଦିନ ହେଲା ମନ୍ଦିର କାନ୍ଥରେ ଏଭଳି ଫାଟ ସୃଷ୍ଟି ହେଲାଣି, ହେଲେ ମରାମତି ପାଇଁ କେହି ଧ୍ୟାନ ଦେଉ ନାହାନ୍ତି । ଶୀଘ୍ର ମରାମତି କରାନଗଲେ ଆମେ ଆନ୍ଦୋଳନ ପାଇଁ ବାଧ୍ୟ ହେବୁ ବୋଲି କହିଛନ୍ତି ।

**ରଙ୍ଗ ମାରି କାମ ଚଳାଇ ଦେଉଛନ୍ତି**

## ରାସନ କାର୍ଡ ଇ-କେୱାଇସି ସଚେତନତା ରଥ ଶୁଭାରମ୍ଭ



ସୁବଳୟା,୧୯ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ତଥା ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ରାସନ କାର୍ଡ ଇ -କେୱାଇସି. ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ଯୋଗ୍ୟ ରାସନ କାର୍ଡ ହିତାଧିକାରୀ ମାନେ ସେମାନଙ୍କ ନିଜର ତଥା ପରିବାର ସଦସ୍ୟ ଙ୍କର ଆଧାର ଇ-କେୱାଇସି କରିବା ଜରୁରୀ ଥିବାରୁ ଉଭୟ ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ଖାଉଟି ଯେ କୌଣସି ଖାଉଟି ସୁଲଭ ମୂଲ୍ୟ ଦୋକାନ କୁ ଯାଇ ଚଳିତ ମାସ ୩୧ ତାରିଖି ସୁଦ୍ଧା ଇ-କେୱାଇସି କରାଇ ପାରିବେ ।ରାଜ୍ୟ ରେ ମାତ୍ର ୧ଲକ୍ଷ ୨୫ ହଜାର ୩୧୨ ଜଣ ଇ-କେୱାଇସି କରିଥିବା ବେଳେ ବାକି ସମସ୍ତ ଇ-କେୱାଇସିର ସଦ୍ୟ ସ୍ଥିତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ପୋର୍ଟାଲ ରେ ରାସନ କାର୍ଡ ନମ୍ବର କିମ୍ବା ଆଧାର ନମ୍ବର ଏବଂ ପଞ୍ଜିକୃତ ମୋବାଇଲ ଓଟିପି ଦେଇ ପରଖିବା, ସମସ୍ୟା ସ୍ଥଳେ ବିଭାଗୀୟ ଟୋଲ ଫ୍ରୀ ନ ୧୯୬୭ରେ ଯୋଗାଯୋଗ କରିବାକୁ ବ୍ୟବସ୍ଥା କରିଛନ୍ତି । ବ୍ଲକ୍‌ରେ ୮୧,୪୮୨ ଖାଉଟି ଙ୍କ ମଧ୍ୟରୁ ୬୮,୨୧୮ ଖାଉଟି ଇ -କେୱାଇସି କରିଥିବା ବେଳେ ବାକି ଥିବା ୧୩,୨୬୪ ଖାଉଟିଙ୍କ ପଞ୍ଜୀକରଣ ପାଇଁ ସଚେତନତା ରଥ ମାଧ୍ୟମରେ ଡ଼ାକବାଜି ଯନ୍ତ୍ର ରେ ଅବଗତ ପାଇଁ ପଦକ୍ଷେପ ସୁଯୋଗ ସୃଷ୍ଟି କରିବ ବୋଲି ବ୍ଲକ୍ ସରପଞ୍ଚ ସଂଘ ସଭାନେତ୍ରୀ ତଥା ସରପଞ୍ଚ ଆଶା ପୋଷଣ କରିଛନ୍ତି । ସଚେତନତା ରଥ ଶୁଭାରମ୍ଭ ସମୟରେ ଯୋଗାଣ ସହାୟକ ଦେବେନ୍ଦ୍ର ପଣ୍ଡା, ୱାର୍ଡ ସଭ୍ୟ, ପଞ୍ଚାୟତ କର୍ମଚାରୀ, ଖାଉଟି ଉପସ୍ଥିତ ଥିଲେ ।

## ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ବକ୍ସିଂ ଚୟନ ଶିବିର



ସୋନପୁର,୧୯ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡ଼ିୟମ ଗ୍ୟାଲେରୀରେ ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହୋଯାଇଅଛି । ଚୟନ ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାରୁ ମୋଟ ୨୧ ଜଣ ବକ୍ସର ଅଂଶଗ୍ରହଣ କରିଥିଲେ । ଚୟନ ଶିବିରରେ ୟୁଥ୍ ଓମେନରେ କାଜଲ ସେଠୀ ଓ ସଜନାସିନି ପର୍ଚିଆ ଚୟନ ହୋଇଥିବା ବେଳେ, ଜୁନିଅର୍ ଓମେନରେ ବିଷ୍ଣୁପ୍ରିୟା ସିଂ, ଅର୍ଜିତା ପଧାନ, ପ୍ରତିମା ମହାନନ୍ଦ ଏବଂ ପାୟଲ ସିଂ ଚୟନ ହୋଇଛନ୍ତି । ଆସନ୍ତା ୨୧ରେ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମ, ରାଉରକେଲାରେ ହେବାକୁ ଯାଉଥିବା ରାଜ୍ୟ ସ୍ତରୀୟ ବକ୍ସିଂ ଚୟନ ଶିବିରରେ ୬ଜଣ ବକ୍ସର ସୁବର୍ଣ୍ଣପୁର ଜିଲ୍ଲାରୁ ପ୍ରତିନିଧିତ୍ୱ କରିବେ । କୃତୀ ୬ ଜଣ ପ୍ରତିଯୋଗୀଙ୍କୁ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ପିୟୂଷ କୁମାର ପଣ୍ଡା ସମ୍ବର୍ଦ୍ଧିତ କରି ଉନ୍ନତ ଖେଳ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ । ଶିବିରରେ ପ୍ରଶିକ୍ଷକ ରାଜେଶ କୁମାର ମେଷ୍ଟୁଲି, କୃତିବାସ ଶତପଥି, ବ୍ରଜଗୋପାଳ ପଣ୍ଡା, ହେମନ୍ତ ରାଉତ, ଚିତ୍ତରଂଜନ ତରାସିଆ, ନନ୍ଦକିଶୋର ତ୍ରିପାଠୀ, ରାଜୀବ କୁମାର ସାହୁ, ପୁରୁଷୋତ୍ତମ ପାଣିଗ୍ରାହୀ, ଭୁକୁଲୁ ବକ୍ସି, କଲିମ ମହମ୍ମଦ, ଗୌରିଶ୍ୟାମ ପଣ୍ଡା, ଦିଲ୍ଲିପ ଗୁରୁ, ବଳରାମ ପଟ୍ଟନାୟକ, ଗୋପାଳ ବରେଇ, ଜିତେନ୍ଦ୍ର ସାହୁ, ଆଦିତ୍ୟ କିଶୋର ଦାନୀ, କମଳାକାନ୍ତ ସାହୁ, ବି.ସତ୍ୟନାରାୟଣ ରାଓ, ଗତିକୃଷ୍ଣ ମିଶ୍ର, ସୁଦର୍ଶନ ପଣ୍ଡା, ଦିଗାମ୍ବର ଶତପଥି, ସନ୍ତୋଷ ପାଢ଼ୀ, ସଦା ସାହୁ, ବିକାଶ ପଣ୍ଡା, ପୁରେନ୍ଦ୍ର ନାଏକ ଓ ଜିଲ୍ଲା କ୍ରିଡ଼ା ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପଲଶାଗୋରା,୧୯ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖଲିଆପାଲି ସରପଞ୍ଚ ରେଣୁକା ନାୟକ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁ, ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମହାପାତ୍ର, କ୍ରୀଡା ଶିକ୍ଷକ ସୁଦାମ ଚରଣ ମିଶ୍ର, ଶିକ୍ଷକ ଲୋକେଶ ଦିଶ୍ରୀ, ରୋହନ ପରିଡ଼ା, କ୍ରିଷ୍ଣା ବସ୍ତିଆ, ଗୀତାଞ୍ଜଳି ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଉଚ୍ଚ ବିଦ୍ୟାଳୟର ୭୮ ଜଣ ୨୫ଟି ବିଭାଗରେ ଅଂଶ ଗ୍ରହଣ କରିଥିଲେ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ ୧୫ଟି ବିଭାଗରେ ଅଂଶ ଗ୍ରହଣ କରିଥିଲେ ।

## ତେଲଙ୍ଗାନାରୁ ୧୫ ଦାଦନ ଶ୍ରମିକ ଉଦ୍ଧାର

ଶଗଡା,୧୯ ।୧(ସମିସ): ତେଲେଙ୍ଗାନାର ଏକ ଇଟାଭାଟିରେ ନିୟୋଜିତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । କଣ୍ଟାମାଳ ବ୍ଲକ୍ ରୁଣ୍ଡି ମହୁଲ ପଞ୍ଚାୟତ ଶୁଲିଆ ଗ୍ରାମରୁ ତେଲେଙ୍ଗାନାରେ କାମ କରୁଥିବା ୧୫ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ବୌଦ୍ଧ ଜିଲ୍ଲା ଶ୍ରମ ବିଭାଗ ସେମାନଙ୍କୁ ଉଦ୍ଧାର ପରେ ନିଜ ଘରେ ଛାଡ଼ିଛି । ବଲାଙ୍ଗିରର ୩ ଜଣ ଶ୍ରମିକ ଦଲାଲଙ୍କ ଜରିଆରେ ଏମାନେ ସେଠାକୁ ଯାଇଥିଲେ । ଇଟା ଭାଟି ମାଲିକ ନିର୍ଯାତନା ଦେଉଥିବା ଅଭିଯୋଗ ପରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଉଦ୍ଧାର କରାଯାଇଛି । ପ୍ରସାଶନର ଉଦ୍ୟମ କ୍ରମେ ସେମାନଙ୍କୁ ଟ୍ରେନ ଯୋଗେ ଅଣାଯାଇଥିଲା । ସମସ୍ତେ ବଲାଙ୍ଗୀର ରେଳ ଷ୍ଟେସନରେ ପହଞ୍ଚି ଥିଲେ । ଏହାପରେ ଜିଲ୍ଲା ଶ୍ରମ ବିଭାଗ ସେଠାରୁ ସେମାନଙ୍କୁ ଶୁଲିଆ ଗ୍ରାମରେ ନେଇ ଛାଡିଛି ।



**ଘରେ ଛାଡ଼ିଲା ଜିଲ୍ଲା ଶ୍ରମ ବିଭାଗ**

## ମାଣ୍ଡିଆ ଉପରେ ତାଲିମ ଶିବିର

ବୌଦ୍ଧ,୧୯ ।୧(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡ଼ା ପଞ୍ଚାୟତ ଆମଠାପଡ଼ାରେ ମାଣ୍ଡିଆ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ଓ ବିଶ୍ୱ ଯୁବ କେନ୍ଦ୍ର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ଯୁବ କେନ୍ଦ୍ର ବ୍ଲକ ସଂଯୋଜକ ସୁମନ ପରିଡ଼ା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପାଲ ଏବଂ ମୟୁରି ସିଂ ସର୍ଦ୍ଦାର ମାଣ୍ଡିଆର ଉପକାରିତା ଏବଂ ସରକାରୀ ସହାୟତା ବିଷୟରେ ତାଲିମ ଦେଇଥିଲେ । ମାଣ୍ଡିଆ କିପରି ଅମଳ କରାଯିବ ସମସ୍ତଙ୍କୁ ଡେମୋ ଦେଖାଇଥିଲେ । ବୌଦ୍ଧ ମିଲେଟ କାଫେରୁ ରୋଜାଲିନ ପଟ୍ଟନାୟକ ଯେଗାଦେଇ ମାଣ୍ଡିଆରୁ ଖାଦ୍ୟ ପ୍ରସ୍ତୁତି କରାଯିବା ପ୍ରଣାଳୀ ସମ୍ପର୍କରେ ତାଲିମ ଦେଇଥିଲେ । ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଘରେ ତିଆରି କରି ସମସ୍ତଙ୍କୁ ଖାଇବାକୁ ଉପସ୍ଥିତ ମହିଳାଙ୍କୁ ପରାମର୍ଶ ଦେଇଥିଲେ । ଆଦର୍ଶ କୃଷି ଉତ୍ପାଦକ କମ୍ପାନୀ ସିଇଓ ବ୍ରଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ । ଧରଣୀଧର ଲଉରିଆ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ତ୍ରିନାଥ ସାହୁ ସହଯୋଗ କରିଥିଲେ । ଆମଠା ପଡ଼ା, ନୂଆପଡ଼ା, ଭୁକ୍ତାପଡ଼ା, ରେଙ୍ଗାଲି ଗ୍ରାମର ସ୍ୱୟଂ ସହାୟକ ମହିଳା ଏବଂ ମାଣ୍ଡିଆ ଚାଷୀ ଅଂଶଗ୍ରହଣ କରିଥିଲେ ।

## ବରିଷ୍ଠ ନାଗରିକ ସଂଗଠନର ବାର୍ଷିକ ଉତ୍ସବ



ବୀରମହାରାଜପୁର,୧୯ ।୧(ସମିସ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସଦର ମହକୁମାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଡ଼କ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ବରିଷ୍ଠ ନାଗରିକମାନେ ସଦାସର୍ବଦା ସକାରାତ୍ମକ ମନୋଭାବ ସହିତ କର୍ମ ତତ୍ପର ରହିବାକୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର ଇଂ.ସଂଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଉତ୍ତମ ଶିକ୍ଷା ଦ୍ୱାରା ଉତ୍ତମ ମଣିଷ ଗଢ଼ାଯାଇ ପାରିବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅକ୍ଷୟ କୁମାର ହୋତା,ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ବୀରମହାରାଜପୁର ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା ପ୍ରମୁଖ ମଞ୍ଚାସୀନ ଥିବାବେଳେ, ଡ଼କ୍ଟର ବଳରାମ ମିଶ୍ର,ପ୍ରଦୀପ କୁମାର ପୁରୋହିତ, ଜ୍ଞାନେନ୍ଦ୍ର ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସୌମିତ୍ରୀ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସଂପାଦକ ସନ୍ତୋଷ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପଠନ କରିଥିଲେ । ସୁରୁ ସାହୁ ଓ ଚମରା ମହାକୁର ଉପଢୌକନ ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଚମ୍ପାମାଳ ରାମଲୀଳା ନାଟକର ରାବଣ ଭୂମିକାରେ ଦୀର୍ଘ ୫୫ ବର୍ଷ ଧରି ଅଭିନୟ କରିଥିବା ବରିଷ୍ଠ କଳାକାର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖତୁ ପ୍ରସାଦ ହୋତାଙ୍କୁ ନାଟ୍ୟ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ସେହିପରି ଶତାୟୁ ପୁରୁଷ ବାଗବର ଗ୍ରାମର ବିଶିଷ୍ଟ କଳାକାର ବ୍ରଜକୃଷ୍ଣ ପଣ୍ଡାଙ୍କୁ ଉପଢୌକନ ଓ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଯୁଗଳ କିଶୋର ମିଶ୍ର ଓ ପର୍ଶୁରାମ ମେହେର ମାନପତ୍ର ପଠନ କରିଥିଲେ ।ଡ଼କ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭାକାର୍ଯ୍ୟ ସଂଯୋଜନା କରିଥିବାବେଳେ କୋଷାଧକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ ।

## ବଙ୍କାପଡ଼ାରେ ମୁଗ ବିହନ ବଣ୍ଟନ



ବୌଦ୍ଧ,୧୯ ।୧(ସମିସ): ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ସାନ ବଙ୍କାପଡା ଗ୍ରାମରେ ଧାନ ଫସଲ ପରବର୍ତ୍ତୀ ଚାଷ ପାଇଁ ମୁଗ ବିହନ ବଣ୍ଟନ କରାଯାଇଛି । କୃଷି ଗ୍ରାମ ସେବକ କାମିନୀ ପ୍ରଧାନ, ଏଏଫସି ଇଣ୍ଡିଆ ଲିମିଟେଡ ସଂସ୍ଥାର ସଂଯୋଜକ ପିଣ୍ଟୁ ମେହେର, ଆଦିମ ଅଧିବାସୀ ଏକତା ମଞ୍ଚର ସଂଯୋଜକ ନିରଂଜନ ବିଶି ପ୍ରମୁଖ ଯୋଗ ଦେଇଥିଲେ । ଧାନ ଚାଷ ଅମଳ ପରେ ପଡିଆ ରହୁଥିବା ଜମିରେ ଡାଲି ଜାତୀୟ ଫସଲ କରି ଚାଷୀ ଲାଭବାନ ହେବାକୁ ସଚେତନ କରାଯାଇଥିଲା । ୫୦ରୁ ଅଧିକ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା ।

## ୨୦୦୫ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଶଗଡା,୧୯ ।୧(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ଶଗଡାସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୦୦୫ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଡମ୍ବରୁଗଡ଼ରେ ଏହି ବନ୍ଧୁ ମିଳନ ଉତ୍ସବ ଆୟୋଜିତ ହୋଇଥିଲା । ରତ୍ନାକର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୁଣା ବନ୍ଧୁମାନେ ଏକାଠି ହୋଇ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇ ପରସ୍ପର ମଧ୍ୟରେ ଆଲୋଚନା କରିଥିଲେ । ବନ୍ଧୁତା ଚିରଦିନ ପାଇଁ ସୁଦୃଢ଼ ରହିଲେ ଅନେକ କିଛି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା । ପ୍ରହ୍ଲାଦ ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ପୋଢ, ଉମାଶଙ୍କର ଛନ୍ଦ, ପ୍ରଭାକର ଖଟୁଆ, ସୁଶାନ୍ତ ମନହିରା, ରତ୍ନାକର ପ୍ରଧାନ, ସୁଚିତ୍ର ମଲିକ, ମାନିନୀ ସାହୁ ପ୍ରମୁଖ ୫୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଏକାଠି ହେଲେ ୧୦୦ ପରିବାରର ୨୫୦ ସଦସ୍ୟ

ଶଗଡ଼ା,୧୯ ।୧(ସମିସ): ଆଜିକାର ଦୁନିଆରେ ଭାଇ ଭାଇ ଭିତରେ ବିବାଦ ଦେଖା ଦେଉଥିବା ବେଳେ କଣ୍ଟାମାଳ ଅଞ୍ଚଳରେ ଏକ ନିଆରା ମିଳନ ପରମ୍ପରା ଦେଖିବାକୁ ମିଳିଛି । ଧଉରାକୁଦ, ଗଡ଼ଫସଫେଡ଼ି, ଉଦ୍ରାପାଲି, ପ୍ରଧାନପାଲି ଆଦି ୪ଟି ଗାଁର ପ୍ରଧାନ ପରିବାରର ୧୦୦ ପରିବାରର ପାଖାପାଖି ୨୫୦ ସଦସ୍ୟ ଏକାଠି ହୋଇଥିଲେ । ଏହି ମିଳନ ଉତ୍ସବ ଲମ୍ବସେରି ପଞ୍ଚାୟତ ଧଉରାକୁଦ କୁକୁଡ଼ା ଫାର୍ମ ନିକଟରେ ଅନୁଷ୍ଠିତ ହୋଇଥିଲା । ବୟସ୍କଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ସତ୍ୟବାନ ପ୍ରଧାନ, ଶଶିଭୂଷଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## କୈବର୍ତ୍ତ ସମାଜର ବୈଠକ

ଶଗଡା,୧୯ ।୧(ସମିସ): କଣ୍ଟାମାଳ ବ୍ଲକ ଗୁଡଭେଲି ପଦର ପଞ୍ଚାୟତ ଡଙ୍ଗାଝୋଲରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୈବର୍ତ୍ତ ସମାଜ ଡଙ୍ଗାଝୋଲ କେନ୍ଦ୍ର ୧୯୮୮ରୁ ପ୍ରତିଷ୍ଠା ହୋଇଛି । କିଛି ବ୍ୟକ୍ତି ଏହାକୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଛନ୍ତି । ଏହାର ସମାଧାନ ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କାହାରି କଥା ଗ୍ରହଣ ନ କରି କେନ୍ଦ୍ରର ଉନ୍ନତି ପାଇଁ ସମସ୍ତେ ସହଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏଥିରେ ପ୍ରାୟ ୩୨୦ କୈବର୍ତ୍ତ ସମାଜର ସଦସ୍ୟ ଉପସ୍ଥିତ ଥିଲେ ।

### ଶିକ୍ଷକ ମହୋତ୍ସବ

# ‘ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ତରଭା,୧୯ ।୧(ସମିସ)




ତରଭା ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅଷ୍ଟମ ଶିକ୍ଷକ ମହୋତ୍ସବ ରବିବାର ଆୟୋଜିତ ହୋଇଯାଇଛି ।ସ୍ଥାନୀୟ ଏନ୍‌ଏମ କଲ୍ୟାଣ ମଣ୍ଡପରେ ରାଣୀସର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧେଶ୍ୟାମ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଓ ସଇଁନ୍ତଲା ଗୋଲା ବାରୁଦ କାରଖାନା ହାଇସ୍କୁଲର ଟିଜିଟି ଶିକ୍ଷକ ରାଜମଣି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏକ ସୁସ୍ଥ ସମୃଦ୍ଧ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତରଭା ବ୍ଲକ୍ ମିଳିତ ଶିକ୍ଷକ ସଂଘ ଏଭଳି ଏକ କାର୍ଯ୍ୟକ୍ରମ ଦୀର୍ଘ ୮ ବର୍ଷ ଧରି କରି ଆସୁଥିବାରୁ ଭୂୟସୀ ପ୍ରଶଂସା କରିଥିଲେ ।ପ୍ରାରମ୍ଭରେ ଶିକ୍ଷକ ନୀଳକଣ୍ଠ ବର୍ଗତ୍ତୀ ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ ।ପ୍ରଦୀପ ପ୍ରଜ୍ୱଳନ ପରେ କବିତା ମିଶ୍ର,ପ୍ରଦୀପ ବରାଳ ଓ ସାଥି ଶ୍ରୀଗଣେଶ ବନ୍ଦନା ଓ ମନ୍ତ୍ର ପାଠ କରିଥିଲେ ।ସଞ୍ଜୀବ ସେଠୀଙ୍କ ପରିଚାଳନାରେ ଦିବଂଗତ ଶିକ୍ଷକ ଅଲେଖ ପାଣ୍ଡେ ଓ ମହେନ୍ଦ୍ର ଭୋଇଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।କବିତା ମିଶ୍ର,ସୀମାରାଣୀ ଦେଓ ଓ ସାଥୀଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ ପରେ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ସ୍ୱାଗତ ଭାଷଣ ଉଦ୍ଦେଶ୍ୟ ଜ୍ଞାପନ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ସୁରେଶ ଚନ୍ଦ୍ର ପାଣ୍ଡେ,ପ୍ରହଲ୍ଲାଦ ଚୌହାନ ଓ ଧ୍ରୁବଳ ପଧାନ ତାଙ୍କର ବକ୍ତବ୍ୟରେ ଶିକ୍ଷକ ମହୋତ୍ସବ ଯୋଗୁଁ ଶିକ୍ଷକ ସମାଜ ଉପରେ ପଡୁଥିବା ସକାରିକ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ମୁଖ୍ୟଅତିଥି,ମୁଖ୍ୟବକ୍ତା ଓ ଅବସର ଗ୍ରହଣ କରିଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।ସିଆର୍‌ସିସି ତୋହିତ କୁଅଁର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଶାନ୍ତ ମେହେର ଧନ୍ୟବାଦ ଦେଇଥିଲେ ।ମହୋତ୍ସବ କାର୍ଯ୍ୟକ୍ରମରେ ତରଭା ବ୍ଲକ୍‌ର ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।ଶିକ୍ଷକ ଜ୍ୟୋତି, ଭରତ, ଶଙ୍କର, ସୁଶାନ୍ତ, ରମେଶ, ନିଳାଞ୍ଚଳ, ପ୍ରମିଳା, ଉର୍ବଶୀ, ଅରୁଣିମା,ପଦ୍ମିନୀ, ସୁନୀତି, ଜଗନ୍ନାଥ, ଜ୍ୟୋତିପ୍ରକାଶ, କ୍ରୀଷ୍ଣା, ମନୋରଞ୍ଜନ, ଶୁଭ୍ରକାନ୍ତି, ବିଜୟଲକ୍ଷ୍ମୀ, ସାରଙ୍ଗ, କୃଷ୍ଣଚନ୍ଦ୍ର, ଗୋପବନ୍ଧୁ, ଦେବେନ୍ଦ୍ର, ଆଶିଷ, କବିତା, ବବିତା, ପଞ୍ଚାନନ, ତରଣୀସେନ,ସୁରେନ୍ଦ୍ର,ସରୋଜ,ରବି ନାରାୟଣ, ଗିରିଶ ପ୍ରମୁଖ ସହଯୋଗ କରିଥିଲେ ।

